بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 8

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

20 ଫେବୃଆରୀ 2020    20 ତବ୍ଲିଗ୍ 1399 ହି.ଶ    25 ଜମାଦିଲ୍ ସାନି 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اَلَّذِیۡنَ اسۡتَجَابُوۡا لِلّٰہِ وَالرَّسُوۡلِ مِنۡ
بَعۡدِ مَاۤ اَصَابَہُمُ الۡقَرۡحُ ؕ لِلَّذِیۡنَ
اَحۡسَنُوۡا مِنۡہُمۡ وَاتَّقَوۡا اَجۡرٌ
عَظِیۡمٌ ○ (آل عمران:173)

ଅନୁବାଦ- ଯେଉଁ ଲୋକମାନେ ଅଘାତ ପାଇବା ପରେ (ମଧ୍ୟ) ଅଲ୍ଲାଃଙ୍କର ଓ ରସୁଲଙ୍କର ଆଦେଶକୁ ଗ୍ରହଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନେ ଭଲ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରିଛନ୍ତି ଓ ଧର୍ମଭୀରୁତା ଅବଲମ୍ବନ କରିଛନ୍ତି ସେମାନଙ୍କ ପାଇଁ ମହାନ୍ ପୁରସ୍କାର ଅଛି ।

*(ଆଲେ ଇମରାନ୍: ୧୭୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥**

**ସୁତରାଂ ଏଖ୍‌ଲାକ୍ (ସୁଚରିତ୍ର)ର ଅର୍ଥ ଖୁଦାତାଲାଙ୍କ ସାନ୍ନିଧ ହାସଲ କରିବା ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ବ୍ୟବହାରିକ ଜୀବନରେ ସମ୍ପୁର୍ଣ୍ଣରୂପେ ଦୃଷ୍ଟିଗୋଚର ହୋଇଥାଏ । ସେଥିଯୋଗୁଁ ଜରୁରୀ ଅଟେ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନଶୈଳୀ ମୁତାବକ ନିଜର ଜୀବନକୁ ଗଢ଼ିତୋଳିବା ପାଇଁ ଚେଷ୍ଟା କରାଯାଉ । ଏହି ଏଖ୍‌ଲାକ୍ ତା'ର ମୂଳଦୁଆ ଅଟେ । ଯଦି ତାହା ଦୋହଲି ଯିବ ତେବେ ତା'ଉପରେ ଇମାରତ ବନାଇ ପାରିବା ନାହିଁ । ଏଖ୍‌ଲାକ୍ ହେଉଛି ଗୋଟିଏ ଇଟା ଉପରେ ଆଉ ଗୋଟିଏ ଇଟାକୁ ରଖିବା ଯଦି ଗୋଟିଏ ଇଟା ତେଢ଼ା ରହେ ତେବେ ସମ୍ପୁର୍ଣ୍ଣ କାନ୍ଥଟି ତେଢ଼ା ରହିଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମାଗିବା ମଣିଷର ଧର୍ମ ଏବଂ ଶୁଣିବା ହେଉଛି ଅଲ୍ଲାଃଙ୍କର ବିଶେଷତା

ମାଗିବା ହେଉଛି ମଣିଷର ଧର୍ମ ଓ ଶୁଣିବା ଅଲ୍ଲାଃଙ୍କର ଅଙ୍ଗିକାର । ଯିଏ (ଏକଥା) ବୁଝୁନାହିଁ ଓ ମାନୁନାହିଁ, ସେ ହେଉଛି ମିଥ୍ୟାବାଦୀ । ମୁଁ ଯେଉଁ ପିଲାର ଉଦାହରଣ ଦେଇଛି, ତାହା ଦୁଆର ଦର୍ଶନକୁ ଖୁବ୍ ସମାଧାନ କରି ପ୍ରକାଶ କରୁଅଛି । ରହ୍‌ମାନିୟତ୍ ଏବଂ ରହିମିୟତ୍ ଦୁଇଟି ନୁହେଁ । ତେଣୁ ଯିଏ ଗୋଟିଏକୁ ଛାଡ଼ି ଅନ୍ୟଟିକୁ ଚାହୁଁଛି, ତାକୁ ମିଳିପାରିବ ନାହିଁ । ରହ୍‌ମାନିୟତ୍‌ର ଆବଶ୍ୟକତା ଏହା କି ତାହା ଆମ ଭିତରେ ରହିମିୟତ୍‌ରୁ ଲାଭ ଉଠାଇବା ପାଇଁ ଶକ୍ତି ଓ ସାମର୍ଥ୍ୟ ସୃଷ୍ଟି କରେ । ଯିଏ ଏପରି କରୁନାହିଁ ସେ କାଫିରେ ନେମତ୍ (ଅର୍ଥାତ ଅଲ୍ଲାଃଙ୍କ ବୈଭବକୁ ଅସ୍ୱୀକାର କରୁଛି) । **ଇୟାକା ନାବୁଦୁ** ର ଅର୍ଥ ହେଉଛି ଏହା କି ଆମେ ତୁମ୍ଭର ଉପାସନା କରୁଅଛୁ ଏହି ସମସ୍ତ ବ୍ୟବହାରିକ ବସ୍ତୁ ଓ ସାଧନ ଗୁଡ଼ିକ ସାହାଯ୍ୟରେ, ଯାହା ତୁମ୍ଭେ ପ୍ରଦାନ କରିଅଛ । ଦେଖ ଏହି ଜିହ୍ୱା ଜଳ ଓ ସ୍ନାୟୁ ଦ୍ୱାରା ତିଆରି ହୋଇଛି । ଯଦି ଏପରି ହୋଇନଥାନ୍ତା ତେବେ ଆମେ କଥା କହିପାରିନଥାନ୍ତେ । ଦୁଆ କରିବା ପାଇଁ ଏପରି ଜିହ୍ୱା ପ୍ରଦାନ କରିଛି ଯାହା ହୃଦୟର ଭାବନାକୁ ପ୍ରକାଶ କରିପାରେ । ଯଦି ଆମେ ଦୁଆର କାର୍ଯ୍ୟ ଜିହ୍ୱା ଦ୍ୱାରା କେବେ ନେବା ନାହିଁ, ତେବେ ଏହା ଆମର ଦୁର୍ଭାଗ୍ୟ ହେବ । ଏପରି ବହୁତ ରୋଗ ଅଛି ଯଦି ତାହା ଦ୍ୱାରା ଜିହ୍ୱା ଆକ୍ରାନ୍ତ ହୁଏ ତେବେ ଏକଦମ୍ ଜିହ୍ୱା ନିଜର କାର୍ଯ୍ୟ କରିବା ଛାଡ଼ିଦିଏ, ଏପରି କି ମଣିଷ ମୁକ ହୋଇଯାଏ । ତେଣୁ ଏହା କି ପ୍ରକାରର ରହିମିୟତ୍ ଯେ ଆମକୁ ଜିହ୍ୱା ଦେଇଛି । ସେହିପରି କାନ ତିଆରି ହେବାରେ ଯଦି ତୃଟି ରହିଯାଏ ତେବେ କିଛି ମଧ୍ୟ ଶୁଣାଯିବ ନାହିଁ । ସେହି ଅବସ୍ଥା ହୃଦୟର, ସେ ଯିଏ ଈଶ୍ୱର ଭୟ ଓ ବିନମ୍ରଭାବର ଅବସ୍ଥା ତା ମଧ୍ୟରେ ରଖିଛି, ଚିନ୍ତା ଓ ଧ୍ୟାନ କରିବାର ଶକ୍ତି ରଖିଛି, ଯଦି ରୋଗ ଲାଗିଯାଏ ତେବେ ତାହା ସବୁ ଉଣା ଅଧିକେ ବେକାର ହୋଇଯାଇଥାନ୍ତି । ପାଗଳମାନଙ୍କୁ ଦେଖ ଯେ ସେମାନଙ୍କ ଅଙ୍ଗଗୁଡ଼ିକ କିପରି ବେକାର ହୋଇଯାଇଛି । ତେଣୁ ଏହି ଐଶୀପ୍ରଦତ ବୈଭବକୁ ସମ୍ମାନ ଦେବା କଣ ଆମ ପାଇଁ ଜରୁରୀ ନୁହେଁ ? ଅଲ୍ଲାଃ ତାଲା ତା'ର ଅସୀମ କରୁଣା ଦ୍ୱାରା ଆମକୁ ଯେଉଁ ଶକ୍ତି ପ୍ରଦାନ କରିଛନ୍ତି ଯଦି ଆମେ ତାକୁ ବେକାର କରିଦେବା ତେବେ ନିଶ୍ଚିତ ରୂପେ ଆମେ ଐଶୀପ୍ରଦତ ବୈଭବର ଅମାନ୍ୟକାରୀ ହେବା । ତେଣୁ ମନେରଖ ଯେ ଯଦି ନିଜର ଶକ୍ତି ଓ ସାମର୍ଥ୍ୟକୁ ସମ୍ପୁର୍ଣ୍ଣରୂପେ ଛାଡ଼ିଦେଇ ପ୍ରାର୍ଥନା କରୁଛେ ତେବେ ଏହି ପ୍ରାର୍ଥନା କିଛି ଲାଭ ପହଂଚାଇ ପାରିବ ନାହିଁ କାରଣ ଯେତେବେଳେ ଆମେ ପ୍ରଥମ ଉପହାରରୁ ହିଁ କିଛି କାମ ନେଲେ ନାହିଁ ତେବେ ଅନ୍ୟଗୁଡ଼ିକୁ ଆମେ କେବେ ନିଜ ପାଇଁ ଲାଭକାରୀ ଓ ଫଳପ୍ରଦ ବନାଇ ପାରିବା ।

### ସଚ୍ଚା ଅନ୍ତଃଦୃଷ୍ଟି ମାଗିବାକୁ ନିର୍ଦ୍ଦେଶ

ସୁତରାଂ **ଇୟାକା ନାବୁଦୁ** ଏହା ବତାଇ ଦେଇଛି ଯେ, ହେ ବିଶ୍ୱପାଳନର୍କତା ତୁମର ପ୍ରଥମ ଉପହାରକୁ ମଧ୍ୟ ଆମେ ବେକାର ଓ ବ୍ୟର୍ଥ କରିନାହୁଁ । **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ରେ ଏ ନିର୍ଦ୍ଦେଶ ଦିଆଯାଇଅଛି ଯେ ମନୁଷ୍ୟ ଖୁଦାତାଲାଙ୍କ ନିକଟରୁ ସତ୍‌ଜ୍ଞାନ ମାଗୁ । କାରଣ ଯଦି ତା'ର କୃପା ଓ କରୁଣା ହାତ ନ ଧରେ ତେବେ ଅସହାୟ ମନୁଷ୍ୟ ଏପରି ଅନ୍ଧକାର ଭିତରେ ଫସି ରହିଛି ଯେ ସେ ଦୁଆ ହିଁ କରିପାରିବ ନାହିଁ । ସୁତରାଂ ଯେ ପର୍ଯ୍ୟନ୍ତ ମଣିଷ ଈଶ୍ୱରଙ୍କ ସେହି କୃପାକୁ ଯାହା ରହ୍‌ମାନିୟତ୍‌ର ଅନୁଗ୍ରହରୁ ତାକୁ ପହଂଚିଥାଏ, ତାହାକୁ କାର୍ଯ୍ୟରେ ଲଗାଇ ଦୁଆ ନ କରିଛି, ସେ ପର୍ଯ୍ୟନ୍ତ କୌଣସି ଉତମ ଫଳ ବାହାରି ପାରିବ ନାହିଁ ।

ମୁଁ ବହୁଦିନ ପୂର୍ବେ ଇଂରାଜୀ କାନୁନ୍‌ରେ ଏହା ଦେଖିଥିଲି ଯେ ତକାୱ୍ୱି (ଅର୍ଥାତ ସରକାରଙ୍କ ତରଫରୁ ଚାଷିମାନଙ୍କୁ ଯାହା ସାହାଯ୍ୟ ଆକାରରେ ଦିଆଯାଇଥାଏ) ପାଇଁ ପ୍ରଥମେ କିଛି ଜିନିଷ ଦେଖାଇବା ଜରୁରୀ ହୋଇଥାଏ । ସେହିପରି ପ୍ରକୃତିର ନିୟମକୁ ଦେଖ ଯେ ଯାହା କିଛି ଆମକୁ ପ୍ରଥମେ ପ୍ରଦାନ କରାଯାଇଅଛି ସେଥିରୁ ଆମେ କଣ ଲାଭ ଉଠାଉଛେ ? ଯଦି ବୁଦ୍ଧି ଓ ଚେତନା, ଆଖି ଓ କାନ ରଖି ପଥଭ୍ରଷ୍ଟ ହୋଇନାହାନ୍ତି ଏବଂ ମୂର୍ଖତା ଓ ଉନ୍ମାଦନା ଆଡ଼କୁ ଯାଇନାହାନ୍ତି ତେବେ ଦୁଆ କର ଫଳତଃ ଆହୁରି ଅଧିକା ଈଶ୍ୱରୀୟ କୃପା ଲାଭ ହେବ ନଚେତ ଅସଫଳତା ଓ ଦୁର୍ଭାଗ୍ୟର ଲକ୍ଷଣ ହେବ ।

### ହିକ୍‌ମତ୍ (ବୁଦ୍ଧିମତା)ର ଅର୍ଥ

ବେଳେବେଳେ ଆମ ବନ୍ଧୁମାନଙ୍କୁ ଇସାଇମାନଙ୍କ ସହିତ ଭେଟ ହେବ । ସେମାନେ ଅନୁଧ୍ୟାନ କରିବେ ଯେ କୌଣସି କଥା ମଧ ସେହି ଅବୋଧମାନଙ୍କଠାରେ ଏପରି ନାହିଁ ଯାହା ହକିମ୍ (ଅର୍ଥାତ ସର୍ବଜ୍ଞ ଓ ତତ୍ୱଜ୍ଞ) ଖୁଦାଙ୍କ ପାଇଁ ବ୍ୟବହୃତ ହେଉଥିବ । ହିକ୍‌ମତର ଅର୍ଥ କ'ଣ ? **ୱ୍ୱଜ୍‌ଉସ୍ ଶୈୟି ଫି ମହିଲ୍ଲିହି** କିନ୍ତୁ ସେମାନଙ୍କ ନିକଟରେ ଏହା ଦେଖିବ ନାହିଁ ଯେ କୌଣସି କାର୍ଯ୍ୟ ଓ ନିର୍ଦ୍ଦେଶ ମଧ ତାହାଙ୍କ ଅନୁକୂଳ ଦେଖାଯାଉଥିବ । ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ଉପରେ ଯେବେ ଆମେ ଧାନ ଦେଇ ଦେଖୁଛେ ତେବେ ସେଥିରୁ ଆଭାସ ମିଳୁଛି ଯେ, ସେଥିରେ ପ୍ରକୃତରେ ଦୂଆ କରିବାର ନିର୍ଦ୍ଦେଶ ଦିଆଯାଇଛି କି, ସିରାତଲ୍ ମୁସ୍‌ତକିମ୍‌ର ସତ୍‌ଜ୍ଞାନ ମାଗିବାର ଶିକ୍ଷା ସେଥିରେ ରହିଛି କିନ୍ତୁ ***ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଇନ୍*** ତା ମୁଣ୍ଡ ଉପରେ ଏକଥା ବତାଉଅଛି ଯେ, ଏଥିରୁ ଲାଭ ଉଠାଅ ଅର୍ଥାତ ସତ୍‌ମାର୍ଗର ଲକ୍ଷ୍ୟ ସ୍ଥଳକୁ ପାଇବା ପାଇଁ ଶୁଦ୍ଧ ଶକ୍ତିଦ୍ୱାରା କାର୍ଯ୍ୟ ସମ୍ପାଦନ କରି ଈଶ୍ୱରୀୟ ସାହାଯ୍ୟକୁ ମାଗିବା ଉଚିତ ।

### ସୁଚରିତ୍ରର ଅର୍ଥ କ'ଣ ?

ଏବେ ଭାବିବା ଉଚିତ ଯେ, ତାହା କେଉଁ ପ୍ରକାରର କଥା ଯାହାକୁ ମାଗିବା ଉଚିତ । ପ୍ରଥମତଃ ସୁଚରିତ୍ର ଯାହା ମଣିଷକୁ ମଣିଷକରି ଗଢ଼ିତୋଳି ଥାଏ, ଚରିତ୍ରର ଅର୍ଥକୁ କେହି ନମ୍ର ବ୍ୟବହାର କରିବାକୁ ହିଁ ନ ବୁଝନ୍ତୁ । ଖଲ୍‌କ ଏବଂ ଖୁଲ୍‌କ୍ ଦୁଇଟି ଶବ୍ଦ ଯାହା ବିପରୀତ ଅର୍ଥର ଦଲିଲ୍ ହୋଇଥାଏ । ଖଲକ୍ ହେଉଛି ଶାରିରୀକ ଜନ୍ମର ନାମ ଉଦାହରଣ ସ୍ୱରୁପ କାନ, ନାକ ଏପରି କି, ଲୋମ ଇତ୍ୟାଦି ମଧ୍ୟ ସବୁକିଛି ଖଲକ୍‌ରେ ସାମିଲ ଅଛନ୍ତି ଏବଂ ଖୁଲକ୍ ହେଉଛି ଆନ୍ତରିକ ଜନ୍ମର ନାମ । ସେହିପରି ଅନ୍ତଃଶକ୍ତି ଯାହା ମନୁଷ୍ୟ ଏବଂ ଅଣମନୁଷ୍ୟଙ୍କଠାରେ ସ୍ୱତନ୍ତ୍ର ରୂପେ ରହିଥାଏ ତାହା ସବୁ ଖୁଲ୍‌କ୍ (ଶବ୍ଦ) ମଧ୍ୟରେ ରହିଛି । ଏପରି କି, ବୁଦ୍ଧି, ଚିନ୍ତା ଇତ୍ୟାଦି ସବୁ ପ୍ରକାରର ଶକ୍ତି ଖୁଲ୍‌କ୍ ଭିତରେ ସାମିଲ ଅଛି ।

ଖୁଲ୍‌କ୍ (ଚରିତ୍ର) ଦ୍ୱାରା ମନୁଷ୍ୟ ନିଜର ମଣିଷପଣିଆକୁ ଠିକ୍ କରିଥାଏ । ଯଦି ମନୁଷ୍ୟର କର୍ତବ୍ୟ ନଥାନ୍ତା ତେବେ ଭାବିବାକୁ ପଡ଼ିବ ଯେ, ମଣିଷ ଅଛି ? ଗଧ ଅଛି ? ବା କ'ଣ ? ଯେତେବେଳେ ଖୁଲ୍‌କ୍‌ରେ ଫରକ ପଡ଼େ ତେବେ କେବଳ ରୂପ ହିଁ ରହିଯାଏ, ଉଦାହରଣ ସ୍ୱରୁପ ଯେବେ ବୁଦ୍ଧି ଭ୍ରଷ୍ଟ ହୋଇଯାଏ ସେତେବେଳେ ତାକୁ ପାଗଳ କୁହାଯାଇଥାଏ । କେବଳ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ତାଙ୍କୁ ମଧ ସମ୍ବନ୍ଧିୟ ପ୍ରଶ୍ନ ପଚାରୁଥିଲେ । ସେ ଏକଥା କହୁଥିଲେ ଯେ, ସାରା କାଦିୟାନ୍‌ରେ ମିଆଁ ସାହେବଙ୍କପରି ଭଲପାଉଥିବା ବ୍ୟକ୍ତି କେହି ନଥିଲେ । ସେ ଯେତେବେଳେ ଦାରୁଲ୍ ମସିହି ରେ ରହୁଥିଲେ ସେତେବେଳେ ହଜରତ ମିଆଁ ସାହେବ ତାଙ୍କର ବହୁତ ଧ୍ୟାନ ରଖୁଥିଲେ ବେଳେବେଳେ ଶାହା ସାହେବ ତାଙ୍କ ଭଲପାଇବା ଓ ତାଙ୍କର ଅନୁଗ୍ରହକୁ ମନେ ପକାଇ କାନ୍ଦିପକାଉଥିଲେ । କାଦିୟାନର ଦରୱେଶମାନଙ୍କୁ ବହୁତ ସମ୍ମାନ କରୁଥିଲେ ଓ ନିଜେ ମଧ୍ୟ ବହୁତ ବିନମ୍ରତାର ସହିତ ଦରୱେଶଙ୍କପରି ଜୀବନ ବିତାଇଲେ । ଯାମିୟା ଅହେମଦିୟାର ଛାତ୍ରମାନଙ୍କ ସହିତ ବହୁତ ପ୍ରେମପୂର୍ଣ୍ଣ ବ୍ୟବହାର ଥିଲା । ୱଲେମାମାନଙ୍କୁ ବହୁତ ସମ୍ମାନ ଦେଉଥିଲେ । ଅଲ୍ଲାଃ ତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ ତାଙ୍କ ପଦାଙ୍କ ଅନୁସରଣ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ମୋହତରମା ଶୌକତ୍ ଗୌହର୍ ସାହିବାଙ୍କର ଯିଏ ହେଉଛନ୍ତି ଡ଼ାକ୍ତର ଲତିଫ୍ ଅହେମଦ୍ କୁରୈଶି ସାହେବ ରବୱାଙ୍କ ପତ୍ନୀ ଏବଂ ମୌଲାନା ଅବୁଦଲ୍ ମାଲିକ୍ ଖାନ୍ ସାହେବ ମର୍‌ହୁମ୍‌ଙ୍କ ସୁପୁତ୍ରୀ ଥିଲେ । ୫ ଜାନୁୟାରୀ ଦିନ ୭୭ ବର୍ଷ ବୟସରେ ରବ୍‌ୱାଠାରେ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ଅଲ୍ଲାଃଙ୍କ କୃପାରୁ ସେ ମଧ୍ୟ ମୁସିଆ ଥିଲେ । ସେ ଆଗ୍ରାଠାରେ ଜନ୍ମ ହୋଇଥିଲେ ଓ ସେ ସମୟରେ ତାଙ୍କ ବାପା ମୌଲାନା ଅବଦୁଲ୍ ମାଲିକ୍ ଖାନ୍ ସାହେବ୍ ସେଠାରେ ଜଣେ ମୁରବୀ ଭାବେ ମୁତୟନ ଥିଲେ । ପୁଣି ସେ ମାଆ ବାପାଙ୍କ ସହିତ ହାଇଦ୍ରାବାଦ୍ ଦକ୍ଷିଣରେ ଯାଇ ରହିଲେ । ପାକିସ୍ତାନ ଗଠନ ହେବା ପରେ ସେ କରାଚୀ ଚାଲିଗଲେ । ସେ ତାଙ୍କର ପ୍ରାଥମିକ ଶିକ୍ଷା କରାଚୀରେ ହାସଲ କରିଛନ୍ତି ଏବଂ ସେ ପାଠପଢ଼ାରେ ବହୁତ ହୁସିୟାର ଥିଲେ ସର୍ବଦାର ଭଲ ପୋଜିସନ୍ ଆଣୁଥିଲେ । ବହୁତ ଛୋଟ ବୟସରେ ହିଁ ସିଲ୍‌ସିଲାର ଖିଦ୍‌ମତ୍ କରିବାପାଇଁ ତାଙ୍କର ବହୁତ ସୌକ୍ ଥିଲା । ନାସିରାତ୍‌ଙ୍କ ସେକ୍ରେଟାରୀ ହୋଇଛନ୍ତି ସେଠି କରାଚୀର ନାସେରାତ୍‌ଙ୍କୁ ପ୍ରଥମ ଧାଡ଼ିରେ ନେଇ ଆସିଲେ ପୁଣି ତା'ପରେ ଯେତେବେଳେ ୧୯୬୧ ମସିହାରେ ତାଙ୍କର ବିବାହ ଡ଼ାକ୍ତର ଲତିଫ୍ ଅହେମଦ୍ କୁରୈଶି ସାହେବଙ୍କ ସହିତ ହେଲା ସେତେବେଳେ ସେ ମେଡ଼ିକାଲ୍ କଲେଜ୍‌ରେ ପଢୁଥିଲେ । ତା'ପରେ ଯେବେ ସେ ଇଂଲଣ୍ଡ ଆସିଲେ ସେତେବେଳେ ଇଏ ମଧ ତାଙ୍କ ସହିତ ବିଦା ହୋଇ ଏଠାକୁ ଚାଲିଆସିଲେ ପୁଣି ଏଠାରେ ଶିକ୍ଷା ସମ୍ପୁର୍ଣ୍ଣ କରିବାପରେ ଡ଼ାକ୍ତର ସାହେବ୍ ହଜରତ ଖଲିଫତୁଲ୍ ମସିହି ସାଲିସ୍ ରହେମୁଲ୍ଲାଃ ତାଲାଙ୍କୁ ଯେବେ ଲେଖିଲେ ସେତେବେଳେ ସେ ଆପଣଙ୍କୁ କହିଲେ ଯେ, ପାକିସ୍ତାନ ଆସନ୍ତୁ ଏବଂ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ତାଙ୍କୁ ନିୟୋଜିତ କଲେ । ସେ ମଧ ତାଙ୍କ ସ୍ୱାମୀଙ୍କ ସହିତ ବହୁତ ଖୁସୀରେ ରବୱା ଯାଇ ସେଠାରେ ସେବା କାର୍ଯ୍ୟ ଆରମ୍ଭ କରିଦେଲେ ଏବଂ ଏ ସିଲ୍‌ସିଲାର ସେବା କରିବାପାଇଁ ତାଙ୍କୁ ମୌକା ମଧ ମିଳିଲା ସେ ସେଠାରେ ଲଜ୍‌ନାମାନଙ୍କ ପାଇଁ ବହୁତ କାମ କରିଛନ୍ତି ଏବଂ ତାଙ୍କ ସମୟରେ ରବ୍‌ୱାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ମୋର କହିବାର ଅର୍ଥ ହେଉଛି ପ୍ରତ୍ୟେକ ମହିଳା, ପ୍ରତ୍ୟେକ ଝିଅ ମଧ୍ୟ ତାଙ୍କର ସେବାକାର୍ଯ୍ୟକୁ ଜାଣିଥିବେ ।

ମୋ ମାଆ ସାହେବଯାଦି ନାସିରାଃ ବେଗମ୍ ସାହିବା ଯେତେବେଳେ ସଦର୍ ଲଜ୍‌ନା ରବ୍‌ୱା ଥିଲେ ସେତେବେଳେ ସେ ତାଙ୍କୁ ମଜ୍‌ଲିସ୍ ଆମେଲାରେ ଜେନେରାଲ୍ ସେକ୍ରେଟାରୀ ରୂପେ ନିୟୋଜିତ କରିଥିଲେ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟକୁ ତୁଲାଇଛନ୍ତି ଏବଂ ତାଙ୍କଠାରୁ ହିଁ ସେ ଟ୍ରେନିଙ୍ଗ ନେଇଥିଲେ ତା'ପରେ ବହୁତ ବଡ଼ ଉଚ୍ଚ ବ୍ୟବସ୍ଥାପିକା ସାମର୍ଥ୍ୟ ସହିତ ସେ କାମ କରିଛନ୍ତି । ପୁଣି ମର୍କଜି ଆମେଲାରେ ମଧ୍ୟ ସେକ୍ରେଟେରୀ ରୂପେ କାମ କରିଛନ୍ତି । ତା'ପରେ ମୁଁ ତାଙ୍କୁ ଜେନେରାଲ୍ ସେକ୍ରେଟାରୀ ମର୍କଜିଆ, ପାକିସ୍ତାନ ରୂପେ ନିୟୋଜିତ କରିଥିଲି । ୬ ବର୍ଷ ପର୍ଯ୍ୟନ୍ତ ସେଠାରେ ମଧ ସେ ବହୁତ ଉଚ୍ଚ କୋଟୀର ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି ଓ ନିଜର ଅସୁସ୍ଥତା ଯୋଗୁଁ ତାଙ୍କୁ ଲଜ୍‌ନାର କାର୍ଯ୍ୟକୁ ଛାଡ଼ିବାକୁ ପଡ଼ିଲା କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଙ୍କୁ ମୌକା ମିଳୁଥିଲା କୌଣସି ନା କୌଣସି ଉପାୟରେ ସେ ଖିଦମତ କରିଚାଲୁଥିଲେ । ୫୦ ବର୍ଷ ପର୍ଯ୍ୟନ୍ତ ସେ ବିଭିନ୍ନ ବିଭାଗରେ ସିଲ୍‌ସିଲାର ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି ଓ ତାଙ୍କ ସହିତ କାମ କରୁଥିବା ପ୍ରତ୍ୟେକ ମହିଳା, ପ୍ରତ୍ୟେକ ଝିଅ ତାଙ୍କୁ ବହୁତ ପ୍ରଶଂସା କରୁଛନ୍ତି । ପଡ଼ୋଶୀମାନଙ୍କ ସହିତ ସଦ୍‌ବ୍ୟବହାରଳ, ଗରିବ ଏବଂ ଅଭାବି ଲୋକମାନଙ୍କର ଧ୍ୟାନ ରଖିବା, ଅତିଥି ପରାୟଣତା, ବିଶେଷରୂପେ ଚାନ୍ଦା ପ୍ରଦାନ କରିବା, ସେଥିପ୍ରତି ଧ୍ୟାନ ଦେବା ଓ ପ୍ରଥମ ସମୟରେ ହିଁ ଚାନ୍ଦା ପ୍ରଦାନ କରିଦେବା ହିଁ ତାଙ୍କର ବିଶେଷଗୁଣ ଥିଲା । ବରଂ ୱକ୍‌ଫେ ଯଦିଦ୍ ର ପଇଠ ଏ ବର୍ଷ ମଧ୍ୟ ଯେତେବେଳେ ଏଲାନ୍ କରାଗଲା ସେତେବେଳେ ସେ ଅତାର୍ଥ ମୃତ୍ୟୁର କିଛିଦିନ ପୂର୍ବରୁ ହିଁ ନିଜର ଚାନ୍ଦା ପଇଠ କରିଦେଇଛନ୍ତି । ୫ ତାରିଖ ଦିନ ଦେହାନ୍ତ ହେଲା, ୧ ତାରିଖ ଦିନ ଏଲାନ୍ ହେବା କ୍ଷଣି ତତ୍‌କ୍ଷଣାତ୍ ପ୍ରଥମେ ପ୍ରଦାନ କରିଛନ୍ତି ।

ଡ଼ାକ୍ତର କୁରୈଶୀ ସାହେବ ଲେଖୁଛନ୍ତି ଯେ, ମର୍‌ହୁମା ୫୦ ବର୍ଷର ବୈବାହିକ ଜୀବନରେ ଜଣେ ଉତମ ପତ୍ନୀ ଓ ଉତମ ମାଆ, ଉତମ ଭଉଣୀ ଏବଂ ଉତମ ଝିଅ ରୂପେ ନିଜର ଭୁମିକା ନିର୍ବାହ କରିଛନ୍ତି । ଲେଖିବାବାଲା ଏଠାରେ ଗୋଟିଏ କଥା ଛାଡ଼ି ଦେଇଛନ୍ତି ବା ଡ଼ାକ୍ତର ସାହେବ ଏକଥା ବର୍ଣ୍ଣନା କରିନାହାନ୍ତି ଯେ, ସେ ଜଣେ ଉତମ ବୋହୂ ମଧ ଥିଲେ । ବୋଧ ହୁଏ ଭୁଲ୍‌ରେ ରହିଯାଇଛି । ତାଙ୍କ ଶାଶୁ ଓ ଶ୍ୱଶୁର ତାଙ୍କ ସହିତ ରହିଛନ୍ତି ବରଂ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ତାଙ୍କ ସାଥିରେ ରହିଥିବା ଯୋଗୁଁ ସେ ତାଙ୍କର ବହୁତ ସେବା କରିଛନ୍ତି । ବେମାରୀ ସମୟରେ ମଧ ସେବା କରିଛନ୍ତି ଏବଂ ମାଆଙ୍କ ପରି ତାଙ୍କୁ ରଖିଛନ୍ତି ସୁତରାଂ ସେ ଏକ ଉଦାହରଣୀୟ ଜୀବନ ବିତାଇବା ପରେ ଏ ଦୁନିଆରୁ ବିଦାୟ ନେଇଥିଲେ । ତାଙ୍କର ରୋଗ ବହୁଦିନ ପର୍ଯ୍ୟନ୍ତ ଥିଲା ଏହା ସତ୍ତ୍ୱେ ମଧ୍ୟ ଘର କାର୍ଯ୍ୟରେ ସେ ଆଗ୍ରହ ଦେଖାଉଥିଲେ ଏବଂ ସେହି କାର୍ଯ୍ୟକୁ ସମ୍ପୂର୍ଣ କରୁଥିଲେ । ବେମାରୀ ସମୟରେ ମଧ୍ୟ କେବେ ହେଲେ କୌଣସି ଅଭିଯୋଗ ମୁହଁରେ ଆଣିନାହାନ୍ତି । ବେମାରୀକୁ ଧର୍ଯ୍ୟ ଦେଖାଇ ବରଦାସ୍ତ କରିଛନ୍ତି । ଖିଲାଫତ ସହିତ ତାଙ୍କର ଗଭୀର ସମ୍ପର୍କ ଥିଲା ତାଙ୍କ ଅନ୍ତେ ତାଙ୍କ ସ୍ୱାମୀ ଡ଼ାକ୍ତର ଲତିଫ କୁରୈଶୀ ସାହେବ୍‌ଙ୍କ ବ୍ୟତିତ ତାଙ୍କର ତିନିଜଣ ପୁତ୍ର ଓ ଦୁଇଜଣ ଝିଅ ଅଛନ୍ତି । ଦୁଇଜଣ ପୁଅ ଓ ଜଣେ ଝିଅ ଡ଼ାକ୍ତର ଅଛନ୍ତି । ଜଣେ ପୁଅ ଇଂଞ୍ଜିନିୟର ଅଛନ୍ତି । ସମସ୍ତେ ଶିକ୍ଷିତ । ସେମାନଙ୍କୁ ପରିସ୍ଥିତି ଖରାପ ହେବା ସମୟରେ ମଧ ପଢ଼ାଇଛନ୍ତି ଏବଂ ତାଙ୍କର ଜଣେ ଝିଅ ତାଙ୍କୁ ଏକଦା କହିଲେ ଯେ, ଆପଣ କେବେ ହେଲେ ଗହଣା ପିନ୍ଧୁନାହାନ୍ତି, କୌଣସି ଭଲ ବସ୍ତ୍ର ତିଆରି କରୁନାହାନ୍ତି ଏଥିରେ ସେ କହିଲେ ମୁଁ ଯାହା କିଛି ସଂଚୟ କରୁଛି ତାହାସବୁ ତୁମମାନଙ୍କ ଶିକ୍ଷାପାଇଁ ଖର୍ଚ୍ଚ କରୁଅଛି ଓ ମୁଁ ଏହା ହିଁ ଚାହୁଁଅଛି । ମୋ ଗହଣାଗାଣ୍ଠି ଓ ମୋ ବସ୍ତ୍ର ହେଉଛି ଏହା ଯଦି ତୁମେମାନେ ଅଧିକ ପଢ଼ି ଲେଖିନେବ ଓ ଯମାତ୍ ପାଇଁ ମଧ ଲାଭପ୍ରଦ ହୋଇଯିବ, ହିତକାରୀ ଅସ୍ତିତ୍ୱ ହୋଇଯିବ ଏବଂ ନିଜକୁ ମଧ୍ୟ ସମ୍ଭାଳିନେବ ।

ସେ ବହୁତ ସଚ୍ଚା ସ୍ୱପ୍ନ ଦେଖୁଥିଲେ ସେ ସ୍ୱପ୍ନ ଓ କଶଫ୍ ମଧ୍ୟ ଦେଖୁଥିଲେ । ତାଙ୍କର ଅନେକ ସ୍ୱପ୍ନ ଯାହାତାଙ୍କ ପିଲାମାନେ ଲେଖିଛନ୍ତି ତାହା ପୁରଣ ହୋଇଯାଇଛି । ଜଣେ ଝିଅକୁ ଆଡ଼ମିଶନ୍ ବେଳେ ବତାଇଲେ ଯେ, ତୁମର ଅମୁକ ମେଡ଼ିକାଲ୍ କଲେଜ୍‌ରେ ଆଡ଼ମିଶନ୍ ହୋଇଯିବ ମୁଁ ଏହା ସ୍ୱପ୍ନରେ ଦେଖିଛି ସୁତରାଂ ସେଠାରେ ହିଁ ତାଙ୍କର ଅଡ଼ମିଶନ୍ ହେଲା । ଏହିପରି ତାଙ୍କର ଆହୁରି ଅନେକ ଅଗଣତି ସ୍ୱପ୍ନ ରହିଛି । ଅଲ୍ଲାଃଙ୍କ କୃପାବଳରୁ ସେ ଅତ୍ୟନ୍ତ ପୁଣ୍ୟବନ୍ତ ମହିଳା ଥିଲେ ଏବଂ ନିଜ ଭଉଣୀ ଇତ୍ୟାଦିଙ୍କର ସେ ଧ୍ୟାନ ରଖିଛନ୍ତି ।

ତାଙ୍କ ପୁତ୍ର ଅବଦୁଲ୍ ମାଲିକ୍ ଲେଖିଛନ୍ତି ଯେ, ସେ ଯମାତ୍‌ର ନିସ୍ୱାର୍ଥପର ସେବା କରୁଥିବା ମହିଳା ଥିଲେ । କେତେଥର ଲଜ୍‌ନା କାର୍ଯ୍ୟାଳୟରୁ ଦାରୁଲ୍ ଉଲୁମ୍ ପର୍ଯ୍ୟନ୍ତ ଭୀଷଣ ଗରମରେ ପାଦରେ ଚାଲିଚାଲି ଆସିଲେ ଓ କେବେ ମଧ୍ୟ ଥରେ ହେଲେ ବି ଅଭିଯୋଗ କରିନାହାନ୍ତି । ଇଦ୍ ଅବସରରେ ସର୍ବଦା ନିକଟ ଓ ଦୂର ପଡ଼ୋଶୀମାନଙ୍କୁ ଘରେ ମିଠା ବନାଇ ପ୍ରେରଣ କରୁଥିଲେ ଏବଂ ସର୍ବଦା ଏକଥା କହୁଥିଲେ ଯେ, ଯଦିଆମେ ଧର୍ମ ସହିତ ଯୋଡ଼ି ହୋଇ ରହିବା ତେବେ ଆମକୁ ଅଲ୍ଲାଃ ତାଲା କେବେ ହେଲେ ନଷ୍ଟ କରିବ ନାହିଁ ।

ତାଙ୍କ ଝିଅ କହୁଛନ୍ତି ଯେ, ବିଭାଘର ପରେ ଯେତେବେଳେ ମୋର ପିଲାପିଲି ହେଲେ ସେତେବେଳେ ମତେ ସର୍ବଦା ଏ ଉପଦେଶ ଦେଉଥିଲେ ଯେ, ଆମେରିକା ଓ ବାହାର ଦେଶଗୁଡ଼ିକର ସାଧାରଣତଃ ଖରାପ ପରିବେଶରୁ ବଂଚିବା ରହିବା ପାଇଁ ନିଜ ପିଲାମାନଙ୍କ ସହିତ ପ୍ରେମ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବ ଘରର ପରିବେଶକୁ ଏପରି ତିଆରି କର ଯେ, ସେମାନଙ୍କର ଘରେ ହିଁ ମନ ଲାଗୁ ଏବଂ ବାହାରକୁ ଯିବା ପରିବର୍ତେ ସେମାନେ ଘରେ ଅଧିକ ସମୟ ବିତାନ୍ତୁ ।

ପୁଣି ସେ ଝିଅ କହୁଛନ୍ତି ଯେ, ମେଡ଼ିକାଲ କଲେଜରେ ପଢୁଥିବା ବେଳେ ଥରେ ଝିଅ ପିଲାମାନେ ମୋର ମୁଖାଲିଫତ୍ (ବିରୋଧ) କଲେ । ଅହେମଦୀ ହେବା ଯୋଗୁଁ ମତେ ବାଏକଟ୍ କରିଦେଲେ ମୁଁ ମୋ ମାଆଙ୍କୁ ଫୋନ କଲି ଏବଂ କାନ୍ଦିଲି ସେ ଅତ୍ୟନ୍ତ ଉତମ ଶୈଳୀରେ ମତେ ଉପଦେଶ ଦେଲେ ଏବଂ କହିଲେ ଯେ, ଏଥିରେ କାନ୍ଦିବାର କ'ଣ କଥା ଅଛି ଏହା ତ ଅମ୍ବିୟାମାନଙ୍କର ସୁନ୍ନତ (କାର୍ଯ୍ୟଶୈଳୀ) ତା'ଉପରେ ତୁମକୁ ପରିଚାଳିତ ହେବାପାଇଁ ମୌକା ମିଳୁଅଛି ଏବଂ ଏହା କହିଲେ ଯେ, ଲେଖି ରଖ ଯେ, ଯଦି ଅହେମଦୀୟତ ଯୋଗୁଁ କୌଣସି କଷ୍ଟ ପହଂଚିଛି ତେବେ ଅଲ୍ଲାଃ ତାଲା ତୁମମାନଙ୍କୁ କେବେ ହେଲେ ନଷ୍ଟ କରିବେ ନାହିଁ ଏବଂ ପରୀକ୍ଷାରେ ମଧ ସଫଳ ହେବ । ସୁତରାଂ ସେ କହୁଛନ୍ତି ଯେ, ନା' ତ' ମୁଁ କେବଳ ସଫଳ ହେଲି ବରଂ ସେହି ଦୁଷ୍ଟଝିଅପିଲାମାନେ ସମସ୍ତେ ଫେଲ୍ ହୋଇଗଲେ ।

ଅଲ୍ଲାଃ ତାଲା ମର୍‌ହୁମାଙ୍କ ପଦମର୍ଯ୍ୟାଦା ଉଚ୍ଚ କରନ୍ତୁ ଏବଂ ତାଙ୍କ ପିଲାମାନଙ୍କୁ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ସେମାନେ ପୂଣ୍ୟବନ୍ତ ହୁଅନ୍ତୁ, ସଦାଚାରୀ ହୁଅନ୍ତୁ, ଧର୍ମ ସେବକ ହୁଅନ୍ତୁ ଏବଂ ଖିଲାଫତ ସହିତ ସର୍ବଦା ଭକ୍ତିଭାବର ସମ୍ପର୍କ ବଜାୟ ରଖନ୍ତୁ । ଯେମିତି କି ମୁଁ କହିସାରିଛି ଯେ, ନମାଜ ପରେ ଏହି ଦୁଇଜଣଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ଯେଉଁ ଦୀନ୍ (ଧର୍ମ)କୁ ଖଲିଫାମାକେ ପେଶ୍ କରିଥାନ୍ତି ତାହା ଖୁଦାତାଲାଙ୍କ ସୁରକ୍ଷାରେ ରହିଥାଏ ।**

**ଖିଲାଫତ୍ ଏପରି ଏକ ଜିନିଷ, ଯାହାଠାରୁ ଅଲଗା ହୋଇ ମଣିଷ କୌଣସି ସମ୍ମାନର ଅଧିକାରୀ ହୋଇପାରେ ନାହିଁ ।**

**ଖଲିଫାଙ୍କ ଇତାଅତ୍ (ଆଜ୍ଞାବହତା) ଏଥିଯୋଗୁଁ....... କରାଯାଇଥାଏ ଯେ ତାହା ଅଲ୍ଲାଃଙ୍କ ବାଣୀକୁ ସ୍ଥାପନ କରିବା ଓ ସମସ୍ତ ବ୍ୟବସ୍ଥାର କେନ୍ଦ୍ର ଅଟେ ।**

**ପ୍ରତ୍ୟେକ ଅବସ୍ଥାରେ ପ୍ରତ୍ୟେକଙ୍କ ନିମନ୍ତେ ଖଲିଫାଙ୍କ ଆଜ୍ଞାବହତା ସ୍ୱୀକାର କରିବା ଫର୍ଜ (ଜରୁରୀ) ।**

**ଏକଥା କହଦେବା ଯେ କୌଣସି ବ୍ୟକ୍ତି ବୟତ ନ କରି ମଧ୍ୟ ଏପରି ପଦମର୍ଯ୍ୟାଦା ଲାଭ କରିପାରିବ ଯେମିତି ବୟତ କରିଥିବା ବ୍ୟକ୍ତି ଲାଭ କରିଥାଏ । ବାସ୍ତବିକ ଏହା ପ୍ରକାଶ କରିଥାଏ ଯେ ଏପରି ବ୍ୟକ୍ତି ବୁଝିନଥାଏ କ ବୟତ ଓ ନିଜାମ କଣ ବସ୍ତୁ ଅଟେ ।**

**ଯୁଗଖଲିଫାଙ୍କ ବୟତ, ଖିଲାଫତ୍‌ର ପଦମର୍ଯ୍ୟାଦା ଏବଂ ଖିଲାଫତ୍‌ର ଇତାଅତ୍ ସମ୍ବନ୍ଧରେ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ନିତିବାଣୀର ଆଲୋକରେ ଜ୍ଞାନବର୍ଦ୍ଧକ ବର୍ଣ୍ଣନା ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍‌ରି ସାହାବି ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୭ ଜାନୁୟାରୀ ୨୦୨୦ ଅନୁଯାୟୀ ୧୭ ସୁଲାହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ-
اَلْحَمْدُ لِلّٰهِ رَبِّ الْعٰلَمِينَ- الرَّحْمٰنِ الرَّحِيمِ- مٰلِكِ يَوْمِ الدِّينِ- إِيَّاكَ نَعْبُدُ وَإِيَّاكَ نَسْتَعِينُ-
اِهْدِنَا الصِّرَاطَ الْمُسْتَقِيمَ- صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ-

ହଜରତ ସାଆଦ୍ ବିନ୍ ଉବାଦା ର:ଅଙ୍କ ସମ୍ବନ୍ଧରେ ବିଗତ କିଛି ଖୁତ୍‌ବାରେ ଚର୍ଚ୍ଚା ଚାଲିଛି । ଆଜି ମୁଁ ଏହାର ଶେଷ ଭାଗ ବର୍ଣ୍ଣନା କରିବି । ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ପରେ ଅନ୍‌ସାରମାନେ ତାଙ୍କ ନିଜ ଭିତରୁ ଯେଉଁମାନଙ୍କୁ ଖଲିଫା କରିବାକୁ ଚାହୁଁଥିଲେ । ସେହିମାନଙ୍କ ମଧ୍ୟରେ ତାଙ୍କ ନାମ ମଧ୍ୟ ବିଶେଷଭାବେ ଥିଲା । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅ ମଧ୍ୟ ସିରତ ଖାତମୁନ ନବିଇନ୍ ପୁସ୍ତକରେ ଏକଥା ଲେଖିଛନ୍ତି ଯେ, ଅନ୍‌ସାର ତାଙ୍କୁ ଖଲିଫା କରିବାକୁ ଚାହୁଁଥିଲେ । ଓ ସେ ମଧ୍ୟ ତାଙ୍କ କୌମ୍‌ର ସର୍ଦ୍ଦାର ଥିଲେ । କିନ୍ତୁ ଯେତେବେଳେ ହଜରତ ଅବୁବକର ର:ଅ ଖଲିଫା ହେଲେ ସେ ସେତେବେଳେ ବରଂ ତା' ପୂର୍ବରୁ ମଧ୍ୟ ଅନ୍‌ସାରଙ୍କ କହିବାରେ ସେ ଆଚମ୍ଭିତ ହୋଇଗଲେ । ଏ ପ୍ରସଙ୍ଗରେ ହଜରତ ମୁସ୍‌ଲେହ ମଉଦ ର:ଅ ବହୁତ ବ୍ୟାଖ୍ୟା କରି ଆଲୋକପାତ କରିଛନ୍ତି । ଖିଲାଫତ୍‌ର ପଦମର୍ଯ୍ୟାଦାର ଗୁରୁତ୍ୱକୁ ମଧ୍ୟ ଏଥିରେ ବର୍ଣ୍ଣନା କରିଛନ୍ତି ସେଥିଯୋଗୁଁ ମୁଁ ଏହାକୁ ବର୍ଣ୍ଣନା କରିବା ପାଇଁ ଜରୁରୀ ଭାବୁଛି କାରଣ ଏହା ସମୟର ବଡ଼ ଆବଶ୍ୟକତା । ମୁସଲେହ ମଉଦ ର:ଅଙ୍କ ଏହି ହୱାଲା ଦେବା ପୂର୍ବରୁ ହଦୀସ୍ ଏବଂ ଗୋଟିଏ ଐତିହାସିକ ହୱାଲା ମଧ୍ୟ ଉପସ୍ଥାପନ କରିବି ।

ହୁମୈଦ୍ ବିନ୍ ଅବଦୁର୍ ରହମାନ୍ କହୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ସମୟରେ ହଜରତ ଅବୁବକର ର:ଅ ମଦିନାର ବାହାରେ ଥିଲେ, ଯେତେବେଳେ ସେ ଆସିଲେ ଓ ଆଁ ହଜରତ ସ:ଆ:ସଙ୍କ ଚେହେରା ଉପରୁ କପଡ଼ା ଉଠାଇ ଆପଣ ସ:ଆ:ସଙ୍କ ପବିତ୍ର ଚେହେରାକୁ ଚୁମ୍ବନ ଦେଲେ ଓ କହିଲେ ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ଆପଣ ବଂଚିତ ଥିବା ଅବସ୍ଥାରେ ଏବଂ ମୃତ ଅବସ୍ଥାରେ କେଡ଼େ ପବିତ୍ର ଥିଲେ ପୁଣି କହିଲେ କାବାର ପାଳନକର୍ତ୍ତାଙ୍କ ରାଣ ! ମୁହମ୍ମଦ ସ:ଆ:ସ ମୃତ୍ୟୁବରଣ କରିସାରିଛନ୍ତି । ତା'ପରେ ହଜରତ ଅବୁବକର ର:ଅ ଏବଂ ହଜରତ ଉମର୍ ର:ଅ ଶିଘ୍ରଶିଘ୍ର ସକିଫା ବନୁ ସାଆଦାଙ୍କ ଆଡ଼କୁ ଗଲେ । ଯେତେବେଳେ ଏହି ଦୁଇଜଣଯାକ ପଂହଚିଲେ ସେତେବେଳେ ଅବୁବକର ର:ଅ ବାର୍ତାଳାପ ଆରମ୍ଭ କଲେ । ହଜରତ ଅବୁବକର ର:ଅ ପବିତ୍ର କୋରାନ୍‌ରେ ଅନ୍‌ସାରଙ୍କ ସମ୍ବନ୍ଧରେ ଯାହା କିଛି ଅବତୀର୍ଣ୍ଣ ହୋଇଅଛି । ସେଥିମଧ୍ୟରୁ ଗୋଟିଏ ମଧ୍ୟ ଛାଡ଼ିଲେ ନାହିଁ । ଏବଂ ନବି କରିମ୍ ସ:ଆ:ସ ଅନ୍‌ସାରଙ୍କ ଗୁରୁତ୍ୱ ସମ୍ବନ୍ଧରେ ଏବଂ ଅନ୍‌ସାରଙ୍କ ପ୍ରତିଷ୍ଠା ସମ୍ବନ୍ଧରେ ଯାହାକିଛି ବର୍ଣ୍ଣନା କରିଥିଲେ । ସେ ସବୁ ମଧ୍ୟ ବର୍ଣ୍ଣନା କଲେ । ପୁଣି ସେ କହିଲେ ତୁମେମାନେ ଜାଣିଥିବ ଯେ, ରସୁଲୁଲ୍ଲାଃ ସ:ଆ:ସ ଏକଥା କହିଥିଲେ କି, ଯଦି ଲୋକମାନେ ଗୋଟିଏ ଉପତ୍ୟାକାରେ ଚାଲୁଥିବେ ଓ ଅନ୍‌ସାର ଆଉ ଗୋଟିଏ ଉପତ୍ୟାକାରେ ଚାଲୁଥିବେ ତେବେ ମୁଁ ଅନ୍‌ସାରମାନଙ୍କ ଉପତ୍ୟାକାରେ ଚାଲିବି । ପୁଣି ହଜରତ ସାଆଦ୍‌ଙ୍କୁ ସମ୍ବୋଧନ କରି ହଜରତ ଅବୁବକର ର:ଅ କହିଲେ ଯେ, ହେ ସାଆଦ୍ ! ତୁମେ ଜାଣିଛ ଯେ, ତୁମେ ସେଠାରେ ବସିଥିଲ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଏ କଥା କହିଥିଲେ କି, ଖିଲାଫତ୍‌ର ଅଧିକାରି କୁରୈଶ୍ ହେବେ । ଲୋକମାନଙ୍କ ମଧ୍ୟରେ ଯେଉଁମାନେ ସଦାଚାରୀ ହେବେ । ସେମାନେ କୁରୈଶ୍‌ମାନଙ୍କ ସଦାଚାରୀ ଲୋକଙ୍କ ଅନ୍ତର୍ଗତ ହେବେ । ଏବଂ ଯେଉଁମାନେ ଫାଜିର୍ (ଅର୍ଥାତ ଖଳପ୍ରକୃତିର ଲୋକ) ତେବେ ସେମାନେ କୁରୈଶ୍‌ଙ୍କ ଫାଜିରମାନଙ୍କ ଅନ୍ତର୍ଗତ ରହିବେ । ହଜରତ ସାଆଦ୍ କହିଲେ ଯେ, ଆପଣ ଠିକ୍ କହିଛନ୍ତି ଆମେ ହେଉଛୁ ମନ୍ତ୍ରୀ ଓ ଆପଣମାନେ ହେଉଛନ୍ତି ଅମୀର୍ । ଏହା ମସ୍‌ନଦ୍ ଅହେମଦ୍ ହମ୍ବଲ୍‌ର ହଦିସ୍ ଅଟେ । *(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ ଖଣ୍ଡ-୧, ପୃ-୧୫୮-୧୫୯, ମସ୍‌ନଦ୍ ଅବିବକର୍ ସିଦ୍ଦିକ୍ ହଦିସ୍ ୧୮ମୁଦ୍ରଣ ଦାରୁଲ ହଦିସ୍ କାହିରା ୧୯୯୪)*

ତବକାତୁଲ୍ କୁବ୍‌ରାରେ ଏ ଘଟଣାଟି ଏପରି ଉଲ୍ଲେଖ ଅଛି ଯେ, ନବୀ କରିମ୍ ସ:ଆ:ସଙ୍କ ଦେହନ୍ତ ପରେ ହଜରତ ଅବୁବକର ର:ଅ ହଜରତ ସାଆଦ୍ ବିନ୍ ଉବାଦା ର:ଅଙ୍କ ନିକଟକୁ ବାର୍ତା ପଠାଇଲେ, ଯେ ସେ ଆସି ବୟତ କରିନିଅନ୍ତୁ କାରଣ ଲୋକମାନେ ବୟତ କରିସାରିଲେଣି ଓ ତୁମ କୌମ୍‌ର ଲୋକମାନେ ମଧ୍ୟ ବୟତ କରିସାରିଲେଣି । ଏହା ଶୁଣି ସେ କହିଲେ ଯେ, ଅଲ୍ଲାଃଙ୍କ ରାଣ ମୁଁ ସେତେବେଳେ ପର୍ଯ୍ୟନ୍ତ ବୟତ କରିବିନାହିଁ ଯେ ପର୍ଯ୍ୟନ୍ତ ମୁଁ ନିଜ ଯେ ପର୍ଯ୍ୟନ୍ତ ମୋ କମାଣ ରେ ମହଜୁଦ୍ ଥିବା ସବୁତକ ତୀର ଲୋକମାନଙ୍କୁ ନ ମାରିଦେଇଛି । ଅର୍ଥାତ ତାଙ୍କ କହିବା ଅନୁସାରେ ସେ ଅସ୍ୱୀକାର କଲେ । ଏବଂ ଯେଉଁଲୋକମାନେ ମୋ କୌମ୍ ଓ ମୋ କବିଲାରେ ଅଛନ୍ତି ଓ ମୋ ଅନ୍ତର୍ଗତ ଅଛନ୍ତି ତାଙ୍କ ସହିତ ମିଶି ତୁମମାନଙ୍କୁ ହତ୍ୟା ନ କରିଦେଇଛି । ହଜରତ ଅବୁବକର ର:ଅ ଙ୍କୁ ଯେତେବେଳେ ଏ ଖବର ମିଳିଲା । ସେତେବେଳେ ବଶିର୍ ବିନ୍ ସାଆଦ୍ ର:ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ:ଆ:ସଙ୍କ ଖଲିଫା ! ସେ ତ' ଅସ୍ୱୀକାର କରିଦେଇଛନ୍ତି । ଏବଂ ସେଥିରେ ଅଟଳ ରହିଛନ୍ତି ତେଣୁ ସେ ଆପଣଙ୍କ ବୟତ କରିବେନାହିଁ । ଯଦିଚ ତାଙ୍କୁ ହତ୍ୟା ମଧ୍ୟ କରିଦିଆଯାଉ । ଏବଂ ତାଙ୍କୁ କଦାପି ହତ୍ୟା କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ତାଙ୍କ ସହିତ ତାଙ୍କ ସନ୍ତାନମାନଙ୍କୁ ଏବଂ ତାଙ୍କ କବିଲାର ଲୋକମାନଙ୍କୁ ହତ୍ୟା ନ କରାଯାଇଛି । ଏବଂ ଖଜ୍‌ରଜ୍‌ଙ୍କୁ କଦାପି ହତ୍ୟା କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଅଓସ୍‌ଙ୍କୁ ହତ୍ୟା ନ କରାଯାଇଛି । ତେଣୁ ଆପଣ ତାଙ୍କ ଆଡ଼କୁ ଯାଆନ୍ତୁ ନାହିଁ । ଏବେ ଲୋକମାନଙ୍କ ସମ୍ମୁଖରେ ମାମଲା ସଳଖ ହୋଇଯାଇଛି । ସେ ଆପଣଙ୍କୁ କ୍ଷେତି ପହଂଚାଇପାରିବ ନାହିଁ । ଅର୍ଥାତ ତାଙ୍କ କୌମ୍‌ରୁ ଅଧିକାଂଶ ଲୋକ ବୟତ କରିସାରିଛନ୍ତି । ଯଦି ସେ ଅସ୍ୱୀକାର କରିଛନ୍ତି ତେବେ କୌଣସି କଥା ନାହିଁ । କାରଣ ସେ ଏପରି ଏକ ବ୍ୟକ୍ତି ଅଟନ୍ତି ଯାହାକୁ ଏକୁଟିଆ ଛାଡ଼ିଦିଆ ଯାଇଛି । ହଜରତ ଅବୁବକର ର:ଅ  ହଜରତ ବଶିର୍ ର:ଅଙ୍କ ଉପଦେଶକୁ ଗ୍ରହଣ କରି ହଜରତ ସାଆଦ୍ ର:ଅଙ୍କୁ ଛାଡ଼ି ଦେଲେ ।

ପୁଣି ଯେତେବେଳେ ହଜରତ ଉମର୍ ର:ଅ ଖଲିଫା ହେଲେ ସେତେବେଳେ ଦିନେ ମଦିନାର ରାସ୍ତାରେ ଯାଉଥିବା ସମୟରେ ସାଆଦ୍ ର:ଅଙ୍କ ସହିତ ସାକ୍ଷାତ କଲେ । ଓ ତାଙ୍କୁ ପଚାରିଲେ ସାଆଦ୍ କିଛି କୁହ, ସାଆଦ୍ ର:ଅ କହିଲେ ଉମର୍ କିଛି କୁହ । ତେବେ ହଜରତ ଉମର୍ ର:ଅ କହିଲେ ଯେ, ତୁମେ ପୂର୍ବରୁ ଯେପରି ଥିଲ ବର୍ତମାନ କ'ଣ ସେହିଭଳି ଅଛ ? ସାଆଦ୍ ର:ଅ କହିଲେ ହଁ ମୁଁ ସେହିପରି ରହିଛି । ଖିଲାଫତ୍ ଆପଣଙ୍କୁ ମିଳିଯାଇଛି । ବହୁତ ଲୋକେ ବୟତ ମଧ୍ୟ କରିସାରିଛନ୍ତି କିନ୍ତୁ ମୁଁ ଏ ପର୍ଯ୍ୟନ୍ତ କରିନାହିଁ  ପୁଣି ସେ କହିଲେ ଯେ,

ଅଲ୍ଲାଃଙ୍କ ରାଣ ! ଆପଣଙ୍କ ସାଥି ଅର୍ଥାତ ହଜରତ ଅବୁବକର ର:ଅ ଆମକୁ ଆପଣଙ୍କ ଅପେକ୍ଷା ଅଧିକ ପ୍ରୀୟ ଥିଲେ । ଏକଥା ହଜରତ ଉମର୍‌ଙ୍କୁ ହଜରତ ସାଆଦ୍ କହିଲେ ଯେ, ହଜରତ ଅବୁବକର ର:ଅ ଆମକୁ ଆପଣଙ୍କ ଅପେକ୍ଷା ଅଧିକ ପ୍ରୀୟ ଥିଲେ । ପୁଣି ହଜରତ ସାଆଦ୍ ର:ଅ କହିଲେ ଯେ, ଅଲ୍ଲାଃଙ୍କ ରାଣ ! ମୁଁ ତ ଏପରି ଅବସ୍ଥାରେ ସକାଳ କରିଛି ଯେ, ମୁଁ ଆପଣଙ୍କ ପଡ଼ୋଶୀ ହେବାକୁ ପସନ୍ଦ କରେନାହିଁ । ହଜରତ ଉମର୍ ର:ଅ କହିଲେ ଯେ, ଯିଏ ନିଜ ପଡ଼ୋଶୀମାନଙ୍କ ସହିତ ମିଶି ରହିବାକୁ ନା ପସନ୍ଦ କରେ ତେବେ ସେ ପୁଣି ତା'ଠାରୁ ଅଲଗା ହୋଇଯାଏ । ହଜରତ ସାଆଦ୍ ର:ଅ କହିଲେ ମୁଁ ଏକଥାକୁ ଭୁଲିବି ନାହିଁ । ଅର୍ଥାତ ମୁଁ ଏହା କରିବି । ମୁଁ ଏପରି ପଡ଼ୋଶୀଙ୍କ ନିକଟକୁ ଯିବାକୁ ଅଛି, ଯିଏ ତାଙ୍କ ଧାରଣାରେ ଆପଣଙ୍କଠାରୁ ଉତମ । କିଛି ଦିନ ବିତିନଥିଲା ଯେ, ହଜରତ ସାଆଦ୍ ର:ଅ ହଜରତ ଉମର୍ ର:ଅଙ୍କ ଖିଲାଫତ୍‌ର ପ୍ରାରମ୍ଭରେ ସିରିଆ ଦେଶ ଆଡ଼କୁ ହିଜ୍‌ରତ୍ କରି ଚାଲିଗଲେ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ସାଆଦ୍ ବିନ୍ ଉବାଦା ପୃ-୩୧୨....... ବେରୁତ ଲେବ୍‌ନାନ୍ ୧୯୯୬)*

ହଜରତ ସାଆଦ୍ ର:ଅଙ୍କ ସମ୍ବନ୍ଧରେ ମଧ୍ୟ ଏକଥା ମିଳୁଛି ଯେ, ସେ ହଜରତ ଅବୁବକର ର:ଅଙ୍କ ବୟତ କରିନେଇଥିଲେ ସୁତରାଂ ତାରିଖେ ତିବ୍‌ରି ରେ ଲେଖାହେଇଛି ଯେ,

***ୱ୍‌ତ୍ ତବଅଲ୍ କୌମୁ ଅଲ୍‌ଲ ବୟତି ୱ୍ ବାୟୟା ସାଆଦ୍*** ଅର୍ଥାତ କୌମ୍‌ର ସମସ୍ତ ବ୍ୟକ୍ତି ଜଣଜଣ ହୋଇ ହଜରତ ଅବୁବକର ର:ଅଙ୍କ ବୟତ କଲେ । ଏବଂ ହଜରତ ସାଆଦ୍ ର:ଅ ମଧ୍ୟ ବୟତ କରିନେଲେ । *(ତାରିଖେ ତିବ୍‌ରି ଖଣ୍ଡ-୩, ପୃ-୨୬୬....... ଦାରୁଲ୍ ଫିକର୍ ବେରୁତ ୨୦୦୨)*

ସେ ଯାହା ହେଉ ଯେମିତି କି ମୁଁ କହିସାରିଛି ଯେ ହଜରତ ମୁସ୍‌ଲେହ ମଉଦ ର:ଅ ଯେଉଁ ବିବରଣୀ ପ୍ରଦାନ କରିଛନ୍ତି ସେଥିରେ ବହୁତ ଗୁଡ଼ିଏ ପାର୍ଶ୍ୱ ସ୍ୱଷ୍ଟ ହୋଇଯାଉଅଛି । ଖିଲାଫତ୍ ର ବୟତ କରିବା ମଧ କାହିଁକି ଜରୁରୀ ଅଟେ, ଖିଲାଫତ୍‌ର ପଦମର୍ଯ୍ୟାଦା କ'ଣ ଏବଂ ହଜରତ ସାଆଦ୍ ଯାହା କିଛି କରିଛନ୍ତି ତା'ର ସତ୍ୟାସତ୍ୟ କ'ଣ ?

ହଜରତ ମୁସ୍‌ଲେହ ମଉଦ ର:ଅ ନିଜର ଗୋଟିଏ ଖୁତ୍‌ବାରେ କହୁଛନ୍ତି ଯେ, "କତଲ୍ (ଅର୍ଥାତ ହତ୍ୟା କରିବା)ର ଅର୍ଥ ସମ୍ପର୍କ ତୁଟାଇବାକୁ ମଧ କୁହାଯାଇଥାଏ । ରସୁଲେ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ଯେତେବେଳେ ସାହାବମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲା ଓ ଅନ୍‌ସାରମାନଙ୍କ ଏ ଭାବନା ଥିଲା ଯେ, ଖିଲାଫତ୍ ହେଉଛି ଆମର ହକ୍ ଓ ଆମେ ହେଉଛୁ ସହରି ଅତିକମ୍ ରେ ଯଦି ମୁହାଜିର୍ ମାନଙ୍କ ମଧରୁ ଜଣେ ବ୍ୟକ୍ତି ଖଲିଫା ହେବେ ତେବେ ଏହି ପରିପେକ୍ଷୀରେ ଆଉ ଜଣେ ଅନ୍‌ସାରଙ୍କ ମଧରୁ ହେବେ" ଅର୍ଥାତ ଦୁଇଦୁଇ ଜଣ ଖଲିଫା ହେବେ । "ବନୁ ହାଶିମ୍ ଏକଥା ଭାବିନେଲେ ଯେ, ଖିଲାଫତ୍ ହେଉଛି ଆମର ହକ୍ । ରସୁଲୁଲ୍ଲାଃ ସ:ଆ:ସ ଆମ ଖାନ୍‌ଦାନ୍‌ର ଥିଲେ । ଏବଂ ମୁହାଜିର୍‌ମାନେ ଯଦିଚ ଏହା ଚାହୁଁଥିଲେ ଯେ, ଖଲିଫା କୁରୈଶ୍‌ଙ୍କ ମଧ୍ୟରୁ ହେବା ଉଚିତ କାରଣ ଆରବର ଲୋକମାନେ କୁରୈଶ୍‌ଙ୍କ ବ୍ୟତିତ ଆଉ କାହାର କଥା ମାନନ୍ତି ନାହିଁ କିନ୍ତୁ ଏମାନେ କିଛି ବିଶେଷ ବ୍ୟକ୍ତିଙ୍କୁ ପେସ୍ କରୁନଥିଲେ ବରଂ ନିୟୋଜିତ କରିବାକୁ ହିଁ ଚୟନ ଉପରେ ଛାଡ଼ିଦେବାକୁ ଚାହୁଁଥିଲେ ଅର୍ଥାତ ନିର୍ବାଚନ କରିନେଉଥିଲେ । ମୁସଲମାନମାନେ ଯାହାକୁ ଚୟନ କରିନେବେ ସେ ହିଁ ଖୁଦାତାଲାଙ୍କ ତରଫରୁ ଖଲିଫା ବିବେଚିତ ହେବେ । ଯେତେବେଳେ ସେମାନେ ଏକଥାକୁ ପରିପ୍ରକାଶ କଲେ ସେତେବେଳେ ଅନ୍‌ସାର ଏବଂ ବନୁ ହାଶିମ୍ ସମସ୍ତେ ତାଙ୍କ କଥାରେ ଏକମତ ହେଲେ । କିନ୍ତୁ ଜଣେ ସାହାବିଙ୍କ ମୁଣ୍ଡରେ ଏକଥା ପଶିଲା ନାହିଁ । ସେ ଜଣେ ଅନ୍‌ସାରି ସାହାବି ଥିଲେ ଯାହାଙ୍କୁ ଅନ୍‌ସାର ମାନେ ଖଲିଫା ବନାଇବାକୁ ଚାହୁଁଛନ୍ତି । ସେଥିପାଇଁ ବୋଧ ହୁଏ ସେ, ଏକଥାକୁ ନିଜର ଅସମ୍ମାନ ବୋଲି ଜାଣିଲେ ତେଣୁ ଏକଥା ତାଙ୍କ ମୁଣ୍ଡରେ ପଶିଲା ନାହିଁ । ଏବଂ ସେ କହିଲେ ଯେ, ମୁଁ ହଜରତ ଅବୁବକର ର:ଅଙ୍କ ବୟତ କରିବାପାଇଁ ପ୍ରସ୍ତୁତ ନାହିଁ ହଜରତ ଉମର୍ ର:ଅଙ୍କ ଏ ଘଟଣା ସମ୍ବନ୍ଧିତ ଗୋଟିଏ କଥନ କେତେକ ଇତିହାସରେ ଆସିଛି ଯେ, ଆପଣ ସ:ଆ:ସ କହିଲେ ***ଉକ୍‌ତୁଲୁ ସାଆଦା*** ଅର୍ଥାତ ସାଆଦ୍‌ଙ୍କୁ ହତ୍ୟା କର କିନ୍ତୁ ନା' ତ ସେ ନିଜେ ତାଙ୍କୁ ହତ୍ୟା କଲେ ଓ ନା ଆଉ କିଏ ? କେତେକ ଭାଷାବିତ୍ ଏକଥା ଲେଖୁଛନ୍ତି ଯେ, ହଜରତ ଉମର୍‌ଙ୍କ କହିବାର ଅର୍ଥ କେବଳ ଏତିକି ଥିଲା ଯେ, ସାଆଦ୍ ର:ଅଙ୍କଠାରୁ ସମ୍ପର୍କ ତୁଟାଇ ଦିଅ । କିଛି ଇତିହାସରେ ଏକଥା ମଧ ଲେଖାଯାଇଛି ଯେ, ହଜରତ ସାଆଦ୍ ର:ଅ ନିୟମିତ ରୂପେ ମସ୍‌ଜିଦ୍ ଆସୁଥିଲେ ଓ ଅଲଗା ହୋଇ ନମାଜ ପଢ଼ି ଚାଲିଯାଉଥିଲେ । ଓ କୌଣସି ସାହାବି ତାଙ୍କ ସହିତ କଥା ହେଉନଥିଲେ । ତେଣୁ ହତ୍ୟାର ଅର୍ଥ ଏଠି ସମ୍ପର୍କ ତୁଟାଇବା ଏବଂ ନିଜ କୌମ୍‌ଠାରୁ ଅଲଗା ହୋଇ ରହିବା ।" *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୧୬, ପୃ-୮୧ ରୁ ୮୨ ଖୁତ୍‌ବା ଜୁମା ପ୍ରଦତ ୧ ଫେବୃୟାରୀ ୧୯୩୫)*

ହଜରତ ମୁସ୍‌ଲେହ ମଉଦ ର:ଅ ସାଆଦ୍ ବିନ୍ ଉବାଦାଙ୍କ ସମ୍ବନ୍ଧରେ ଆହୁରି ମଧ ବର୍ଣ୍ଣନା କରିଛନ୍ତି । ଯେଉଁ ପ୍ରଥମ ପାରାଟି ମୁଁ ପଢ଼ିଲି ସେଥିରେ ଆପଣ ର:ଅ କହୁଛନ୍ତି ଯେ, ମୁଁ ପ୍ରଥମେ ଗୋଟିଏ ଖୁତ୍‌ବାରେ ଜଣେ ଅନ୍‌ସାରୀ ସାହାବିଙ୍କ ବିଷୟରେ ଚର୍ଚ୍ଚା କରିଥିଲି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ପରେ କେତେକ ଅନ୍‌ସାର ଏକଥା ଚାହୁଁଥିଲେ ଯେ, ଅନ୍‌ସାରମାନଙ୍କ ମଧରୁ ଖଲିଫା ନିୟୋଜିତ ହୁଅନ୍ତୁ କିନ୍ତୁ ଯେତେବେଳେ ମୁହାଜିର୍ ମାନେ ଏବଂ ବିଶେଷ ରୂପେ ହଜରତ ଅବୁବକର ର:ଅ ସାହାବାମାନଙ୍କୁ ବତାଇଲେ ଯେ, ଏ ପ୍ରକାର ନିର୍ବାଚନ କେବେ ମଧ ଇସ୍‌ଲାମ୍ ପାଇଁ ଲାଭକାରୀ ହୋଇପାରିବ ନାହିଁ । ଏବଂ ମୁସଲମାନ କେବେ ବି ଏହି ନିର୍ବାଚନରେ ରାଜି ହେବେ ନାହିଁ ଅର୍ଥାତ ଅନ୍‌ସାରମାନଙ୍କୁ ଚୟନ କରିବା ଯୋଗୁଁ । ପୁଣି ଅନ୍‌ସାର ଏବଂ ମୁହାଜିର୍ ମାନେ ଏକଥାରେ ସହମତ ହୋଇଗଲେ ଯେ, ଏମାନେ କୌଣସି ଜଣେ ମୁହାଜିର୍‌ଙ୍କ ହାତରେ ବୟତ କରିନେବେ ଓ ପରିଶେଷରେ ହଜରତ ଅବୁବକର ର:ଅଙ୍କ ଅସ୍ତିତ୍ୱ ଉପରେ ସେମାନଙ୍କର ସହମତ ହୋଇଗଲା । ଅନ୍‌ସାରମାନଙ୍କ ଉପରେ ତ ସହମତ ହୋଇପାରିନଥାନ୍ତା । ହଜରତ ଅବୁବକର ର:ଅ ଏହାକୁ ସ୍ୱଷ୍ଟ କରିଦେଲେ ଏବଂ ସେହିପରି ଆଉ କେତେକ ସାହାବିମାନେ ମଧ ସ୍ୱଷ୍ଟ କରିଦେଲେ ଯେ, ଏହା ଫଳପ୍ରଦ ହେବ ନାହିଁ । ସେ ଯାହା ହେଉ ଏକଥା ଫଇସଲା ହୋଇଗଲା ଯେ, ମୁହାଜିରମାନଙ୍କ ମଧରୁ ଖଲିଫା ହୁଅନ୍ତୁ ତେଣୁ ହଜରତ ଅବୁବକର ର:ଅଙ୍କ ଉପରେ ସମସ୍ତେ ସହମତ ହେଲେ । ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ମୁଁ ସେତେବେଳେ ଏକଥା ବତାଇଥିଲି ଯେ, ଯେତେବେଳେ ସାଆଦ୍ ର:ଅ ବୟତ କରିବାରୁ ପଛାଇ ଯାଇଥିଲେ, କିଛିଟା ସଂକୋଚ ଥିଲା ସେତେବେଳେ ହଜରତ ଉମର୍ ର:ଅ କହିଥିଲେ ଯେ, ଉକ୍‌ତୁଲ୍ ସାଆଦା ଅର୍ଥାତ ସାଆଦ୍‌ଙ୍କୁ ହତ୍ୟା କର କିନ୍ତୁ ନା' ତ ସେ ନିଜେ ସାଆଦ୍‌ଙ୍କୁ କତଲ୍ କଲେ ଏବଂ ନା ଆଉ କୌଣସି ସାହାବି କଲେ । ବରଂ ସେ ହଜରତ ଉମର୍ ର:ଅଙ୍କ ଖିଲାଫତ୍ ପର୍ଯ୍ୟନ୍ତ ବଂଚି ଥିଲେ । ଯେମିତି କି, ପୂର୍ବରୁ ଏକଥା ବର୍ଣ୍ଣନା ହୋଇସାରିଛି ଏବଂ ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ସେ ସିରିଆ ଦେଶରେ ମୃତ୍ୟୁବରଣ କରିଥିଲେ । ସେ ହିଜ୍‌ରତ୍ କରିସାରିଥିଲେ ଓ ସିରିଆରେ ଦେହତ୍ୟାଗ କରିଥିଲେ । ଏଥିରୁ ଇମାମ୍‌ମାନେ ଏ ନିଷ୍କର୍ଶ ବାହାର କରିଛନ୍ତି ଯେ, ଏଠାରେ ଯେଉଁ କତଲ୍‌ର ଶବ୍ଦ ବ୍ୟବହାର କରାଯାଇଛି ତାହାର ଅର୍ଥ ପ୍ରକାଶ୍ୟ ଶାରିରିକ ହତ୍ୟା ନୁହେଁ ବରଂ ସମ୍ପର୍କ ତୁଟାଇଦେବା ଅଟେ ଏବଂ ଆରବୀ ଭାଷାରେ କତଲ୍‌ର ଅନେକ ଅର୍ଥ ହୋଇଥାଏ । ଉର୍ଦ୍ଦୁରେ ଅବଶ୍ୟ କତଲ୍‌ର ଅର୍ଥ ହେଉଛି ଶାରିରୀକ ରୂପେ ହତ୍ୟା କରିବା କିନ୍ତୁ ଆରବୀ ଭାଷାରେ ଯେତେବେଳେ କତଲ୍‌ର ଶବ୍ଦ ବ୍ୟବହାର କରାଯାଇଥାଏ ତାହାର ଅର୍ଥ ଅନେକ ହୋଇଥାଏ । ସେଥିମଧ୍ୟରୁ ଗୋଟିଏ ଅର୍ଥ ହେଉଛି ସମ୍ପର୍କ ତୁଟାଇଦେବା ଓ ଶବ୍ଦକୋଷରେ ଏକଥା ସ୍ୱଷ୍ଟିକରଣ ମିଳୁଛି ଯେ, ହଜରତ ଉମ୍ମର ର:ଅଙ୍କ କତଲ୍ କରିବାର ଶବ୍ଦଟି ହତ୍ୟା ନୁହେଁ ବରଂ ସମ୍ପର୍କ ତୁଟାଇଦେବାର ଅର୍ଥରେ ବ୍ୟବହାର ହୋଇଥିଲା ଅର୍ଥାତ ତାଙ୍କୁ ଛାଡ଼ିଦିଆଯାଉ ତାଙ୍କ ସହିତ କଥାବାର୍ତା ବନ୍ଦ କରିଦିଆଯାଉ । ନଚେତ ଯଦି କତଲ୍‌ର ଶବ୍ଦଟି ବ୍ୟବହାରିକ ରୂପେ ହତ୍ୟା କରିବାରେ ପ୍ରୟୋଗ ହୋଇଥାନ୍ତା ତେବେ ହଜରତ ଉମର୍ ର:ଅ ଯିଏ ବହୁତ ଆବେଗପୂର୍ଣ୍ଣ ଜୋସିଲା ବ୍ୟକ୍ତି ଥିଲେ ସେ ନିଜେ କାହିଁକି ହତ୍ୟା କରିଦେଲେ ନାହିଁ । ବା ସାହାବାମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ତାଙ୍କୁ କାହିଁକି ହତ୍ୟା କଲେ ନାହିଁ । କିନ୍ତୁ ଏହାର ବିପରୀତ ହଜରତ ଉମର୍ ର:ଅ ନା କେବଳ ତାଙ୍କୁ ହତ୍ୟା କରିନାହାନ୍ତି ବରଂ ନିଜ ଖିଲାଫତ୍‌ର ଅବଧିରେ ମଧ ହତ୍ୟା କରିନଥିଲେ । କେତେକଙ୍କ ମତରେ ସେ ହଜରତ ଉମର୍ ର:ଅଙ୍କ ଖିଲାଫତ ପରେ ମଧ ଜିବୀତ ରହିଛନ୍ତି ଓ କୌଣସି ସାହାବି ତାଙ୍କ ଉପରେ ହାତ ଉଠାଇ ନାହାନ୍ତି ତେଣୁ ଏଥିରୁ ସ୍ୱଷ୍ଟ ହୋଇଯାଉଛି ଯେ, କତଲ୍ ର ଅର୍ଥ ଏଠାରେ ସମ୍ପର୍କ ତୁଟାଇବା ଭାବେ ବ୍ୟବହୃତ ହୋଇଛି । ବାସ୍ତବିକ ଶାରିରୀକ ହତ୍ୟା କରିବାର ନଥିଲା ଯଦିଚ ସେହି ସାହାବି ସାଧାରଣ ସାହାବିମାନଙ୍କଠାରୁ ଅଲଗା ହୋଇ ରହିଲେ ଅର୍ଥାତ ହଜରତ ସାଆଦ୍ ର:ଅ ସେମାନଙ୍କଠାରୁ ଅଲଗା ହୋଇ ରହିଥିଲେ । ଓ କୌଣସି ସାହାବି ତାଙ୍କ ଉପରେ ହାତ ମଧ ଉଠାଇନାହାନ୍ତି ।

ସୁତରାଂ ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ମୁଁ ଏ ଉଦାହରଣ ଦେଇ ସାରିଛି କି, ସ୍ୱପ୍ନରେ ଯଦି କାହା ସମ୍ବନ୍ଧରେ କତଲ୍ ହେବା ବିଷୟ ଦେଖାଯାଇଥାଏ ତେବେ ତାହାର ଅର୍ଥ ହେଉଛି ସମ୍ପର୍କ ବିଚ୍ଛିନ୍ନ କରିବା ଓ ତାକୁ ଏକଘରକିଆ କରିବା । ସେ ଯାହା ହେଉ ସେ ଆଗକୁ ପୁଣି କହୁଛନ୍ତି ଯେ, ମତେ ଜଣେ ବନ୍ଧୁ ଏକଥା ବର୍ଣ୍ଣନା କରିଛନ୍ତି ଜଣେ ବ୍ୟକ୍ତି ଖୁତ୍‌ବା ପରେ କହିଲେ ଯେ, ସାଆଦ୍ ର:ଅ ଯଦିଚ ବୟତ କରିନଥିଲେ କିନ୍ତୁ ପରାମର୍ଶ ଦେବା ସମୟରେ ତାଙ୍କୁ ନିଶ୍ଚିତରୂପେ ସାମିଲ କରାଯାଉଥିଲା । ଅର୍ଥାତ ବୟତ ନକରିବା ସତ୍ୱେ ମଧ ହଜରତ ଅବୁବକର ର:ଅ ପରାମର୍ଶ ସମୟରେ ତାଙ୍କୁ ସାମିଲ କରୁଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ ଏକଥା କହୁଛନ୍ତି ଯେ, ସେହି ବ୍ୟକ୍ତି ଜଣକ ସାଆଦ୍‌ଙ୍କ ସମ୍ପର୍କରେ ଯାହାକିଛି କହିଛନ୍ତି ତାହାର ଦୁଇଟି ଅର୍ଥ ହୋଇଛି ପ୍ରଥମ ଟି ମୋର କହିବାକୁ ରଦ୍ଦ କରିଦିଆଯାଇପାରେ ଅର୍ଥାତ ହଜରତ ମୁସ୍‌ଲେହ ମଉଦ ର:ଅ ଶବ୍ଦକୋଷର ଯେଉଁ ସଂଜ୍ଞା ବର୍ଣ୍ଣନା କରିଛନ୍ତି ତାହାର ରଦ୍ଦ ହେଉଥିବ ଏବଂ ରଦ୍ଦ ,ହେବ ଅଥବା ଏଭଳି କୌଣସି ଘଟଣା ଘଟିନାହିଁ ବା ଏପରି ଅର୍ଥ ଯେ, ଖିଲାଫତର ବୟତ ନ କରିବା କୌଣସି ବଡ଼ ଅପରାଧ ନୁହେଁ । ଦ୍ୱିତୀୟ କଥା ହେଉଛି ଏହା କି, ସେ ବ୍ୟକ୍ତି ଜଣକ ଏକଥା ପ୍ରମାଣିତ କରିବାକୁ ଚାହୁଁଥିଲେ ଯେ, ଯଦି ଖିଲାଫତ୍‌ର ବୟତ ନ କରାଯାଏ ତେବେ ଏହା କୌଣସି ବଡ଼ ଅପରାଧ ନୁହେଁ କାରଣ ସାଆଦ୍ ର:ଅ ବୟତ କରିନଥିଲେ । କିନ୍ତୁ ପରାମର୍ଶରେ ସାମିଲ ହେଉଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଜଣେ କବି ଏକଥା କହୁଛନ୍ତି କି, ***ତା ମର୍‌ଦ ସୁଖନ୍ ନ ଗୁପ୍‌ତାଃ ବାଶଦ୍ ଅଏବ୍ ୱ୍‌ବୁଜୁରଶ୍ ନ ହୁପ୍‌ତାଃ ବଶଦ୍ ।***

ଅର୍ଥାତ ମଣିଷର ସୁଗୁଣ ଓ କୁଗୁଣ ତା' କଥା କହିବା ପର୍ଯ୍ୟନ୍ତ ହିଁ ଲୁକ୍‌କାୟିତ ଅବସ୍ଥାରେ ରହିଥାଏ । ଯେତେବେଳେ ମଣିଷ କଥା କହିଦିଏ ବେଳେବେଳେ ତା' ନିଜର ଦୋଷ ଦୁର୍ବଳତା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ସେ ପ୍ରକାଶ କରିଦେଇଥାଏ । ଯେପର୍ଯ୍ୟନ୍ତ ସେ ନୀରବ ହୋଇରହିଥାଏ ସେ ପର୍ଯ୍ୟନ୍ତ ତା'ର ଦୋଷ ଦୁର୍ବଳତା ଲୁଚି ରହିଥାଏ । ବେଳେବେଳେ ସେ ମୂର୍ଖତାପୂର୍ଣ୍ଣ କଥା କହିଦେଇଥାଏ । ଏତଦ୍ଦ୍ୱାରା ତା ଦୋଷଦୁର୍ବଳତା ପରିପ୍ରକାଶ ହୋଇଯାଏ । ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ସେହି ବ୍ୟକ୍ତିଜଣକ ଯିଏ ଏ ସଂଜ୍ଞା ନିରୁପଣ କରିଥିଲେ, ହଜରତ ସାଆଦ୍ ର:ଅ ପରାମର୍ଶ ସମୟରେ ସାମିଲ ହେଉଥିଲେ ବା ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ଖୁତ୍‌ବା ବିଷୟରେ ସେ ଟିପ୍ପଣୀ ଦେଇଥିଲେ, ସେହି ଲୋକଟିର ଏ ବିଷୟରେ ଚର୍ଚ୍ଚା କରିବାର ଉଦ୍ଦେଶ୍ୟ ଏହାଥିଲା କି, ସେ ଖିଲାଫତ୍‌ର ବୟତ କରିବାକୁ ହାଲ୍‌କାରେ ନେବାକୁ ଚାହୁଁଥିଲେ ଅଥବା ନିଜର ଜ୍ଞାନକୁ ପ୍ରକାଶ କରିବାକୁ ଚାହୁଁଥିଲେ । କିନ୍ତୁ ଏହି ଦୁଇଟିଯାକ କଥା ହେଉଛି ଭୁଲ୍ ଜ୍ଞାନକୁ ପ୍ରକାଶ କରିବାର କିଛି ଲାଭ ହୋଇପାରେନା କାରଣ ଏକଥାଟି ହେଉଛି ଏତେମାତ୍ରାରେ ଭୁଲ୍‌ଯେ, ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହାକୁ ଶୁଣିବାପରେ ହସିବା ଛଡ଼ା ଆଉ କିଛି କରିପାରିବ ନାହିଁ ସାହାବାମାନଙ୍କ ସମ୍ବନ୍ଧରେ ଇସ୍‌ଲାମୀୟ ଇତିହାସରେ ତିନୋଟି ପୁସ୍ତକ ବହୁତ ପ୍ରସିଦ୍ଧ ଅଟେ ଓ ସବୁପ୍ରକାର ଇତିହାସ ଯାହା ସାହାବାମାନଙ୍କ ସମ୍ବନ୍ଧରେ ରହିଛି ତାହା ସବୁ ଏହି ତିନୋଟି ପୁସ୍ତକ ମଧ୍ୟରେ ଚକ୍କର ଖାଉଛନ୍ତି । ଓ ସେହି ତିନିଗୋଟି ପୁସ୍ତକର ନାମ ହେଉଛି । ତହ୍‌ଜିବୁଲ୍ ତହ୍‌ଜିବଲ, ଅସାବା ଏବଂ ଉସୁଦୁଲ୍ ଗାବାଃ ଏହି ତିନୋଟ ପୁସ୍ତକରେ ସମସ୍ତେ ଏକଥା ଲେଖିଛନ୍ତି ଯେ, ସାଆଦ୍ ବାକି ସାହାବାମାନଙ୍କଠାରୁ ଅଲଗା ହୋଇଯାଇ । ଶାମ୍ ଅର୍ଥାତ ସିରିଆ ଦେଶକୁ ଚାଲିଯାଇଥିଲେ । ଏବଂ ସେଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା । କିଛି ଶବ୍ଦକୋଷ ପୁସ୍ତକଗୁଡ଼ିକରେ ମଧ୍ୟ କପଲ ଶବ୍ଦ ଉପରେ ଚର୍ଚ୍ଚା: କରି ଏଘଟଣା ସମ୍ବନ୍ଧରେ ଅଲୋକପାତ କରିଛନ୍ତି ।

ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, କଥା ହେଉଛି ଏହା କି, ସାହାବାମାନଙ୍କ ମଧ୍ୟରେ ଷାଠିଏ ସତୁରୀ ଜଣଙ୍କ ନାମ ସାଆଦ୍ ଥିଲା । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସାଆଦ୍ ବିନ୍ ୱକାସ୍ ର:ଅ, ଯିଏ ଅଶ୍‌ରାଏ ମୁବ୍‌ଶିରା (ଅର୍ଥାତ ଯେଉଁ ଦଶଜଣଙ୍କୁ ତାଙ୍କ ଜୀବଦସାରେ ହିଁ ବୈକୁଣ୍ଠ ପ୍ରାପ୍ତିର ଖବର ଦିଆଯାଇଅଛି) ମଧ୍ୟରୁ ଥିଲେ । ସେ ହଜରତ ଉମର୍‌ଙ୍କ ତରଫରୁ କମାଣ୍ଡର ଇନ୍ ଚିଫ୍ ନିୟୋଜିତ ହୋଇଥିଲେ ଓ ପ୍ରତ୍ୟେକ ପରାମର୍ଶରେ ସେ ସାମିଲ ହୋଇଥିଲେ । ଜଣାପଡୁଛି ଯେ, ଯେଉଁ ବ୍ୟକ୍ତିଜଣକ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ଖୁତ୍‌ବା ଉପରେ ଏ ଅଭିଯୋଗ କରିଥିଲେ ସେ ତାଙ୍କର ଜ୍ଞାନର ସ୍ୱଳ୍ପତା ଯୋଗୁଁ ଏହି ସାଆଦ୍‌ର ଶବ୍ଦଟିକୁ ଶୁଣି ଏକଥା ଜାଣିପାରିନାହାନ୍ତି ଯେ, ଏ ସାଆଦ୍ ଜଣକ ହେଉଛନ୍ତି ଆଉ ଜଣେ ବ୍ୟକ୍ତି ଓ ସେ ସାଆଦ୍ ହେଉଛି ଆଉ ଜଣେ ବ୍ୟକ୍ତି ବରଂ ତତ୍‌କ୍ଷଣାତ୍ ସେ ମୋ ଖୁତ୍‌ବା ଉପରେ ଟିପ୍ପଣୀ ଦେଇଦେଲେ । ମୁଁ ସାଆଦ୍ ବିନ୍ ୱାକାସ୍‌ଙ୍କର ଏଠାରେ ଚର୍ଚ୍ଚା କରିନଥିଲି ଯିଏ ମୁହାଜିର୍ ଥିଲେ । ବରଂ ମୁଁ ଯାହାଙ୍କ ବଷୟ ଏଠି ଚର୍ଚ୍ଚା କରିଥିଲି ସେ ବ୍ୟକ୍ତିଜଣକ ଅନ୍‌ସାରୀ ଥିଲେ । ଏହି ଦୁଇଜଣଙ୍କ ବ୍ୟତିତ ଆହୁରି ମଧ ୬୦ ରୁ ୭୦ ଜଣ ସାଆଦ୍ ପାଖାପାଖି ଅଛନ୍ତି । ଯେଉଁ ସାଆଦ୍‌ଙ୍କ ବିଷୟରେ ମୁଁ ଚର୍ଚ୍ଚା କରିଥିଲି । ତାଙ୍କ ନାମ ସାଆଦ୍ ବିନ୍ ଉବାଦା ଥିଲା । ବାସ୍ତବରେ ଆରବୀୟ ଲୋକମାନଙ୍କ ନାମଗଡ଼ିକ ବହୁତ କମ୍ ଥାଏ । ଓ ସାଧାରଣତଃ ଗୋଟିଏ ଗୋଟିଏ ଗ୍ରାମରେ ଗୋଟିଏ ନାମଧାରୀ ଅନେକ ଲୋକ ରହିଥାନ୍ତି । ଯେବେ କାହା ବିଷୟରେ କିଛି କୁହାଯାଇଥାଏ ତେବେ ତା' ବାପାଙ୍କ ନାମ ସାଥିରେ ସାମିଲ କରି କୁହାଯାଇଥାଏ ଉଦାହରଣ ସ୍ୱରୂପ କେବଳ ସାଆଦ୍ ବା ସଇଦ୍ କୁହାଯାଉନଥିଲା ବରଂ ସାଆଦ୍ ବିନ୍ ଉବାଦା ବା ସାଆଦ୍ ବିନ୍ ଅବି ୱକାସ୍ କୁହାଯାଉଥିଲା । ପୁଣି ଯେଉଁଠି ବାପାଙ୍କ ନାମରୁ ମଧ ଚିହ୍ନିତ ହେଉନଥିଲେ ସେଠାରେ ତାଙ୍କ କବିଲାର ନାମକୁ ବ୍ୟବହୃତ କରାଯାଉଥିଲା ଓ ତାଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ କୁହାଯାଉଥିଲା । ସୁତରାଂ ଜଣେ ସାଆଦ୍‌ଙ୍କ ବିଷୟରେ ଇତିହାସରେ ବହୁତ ଚର୍ଚ୍ଚା କରାଯାଇଅଛି କାରଣ ତାଙ୍କ ନାମ ଅନ୍ୟଙ୍କ ସହିତ ମିଶିଯାଉଥିଲା ତେଣୁ ଐତିହାସିକମାନେ ତାଙ୍କ ସମ୍ବନ୍ଧରେ ଚର୍ଚ୍ଚା କରି ଏହା କହୁଥିଲେ ଯେ, ଉଦାହରଣ ସ୍ୱରୁପ ଆମ କହିବାର ଅର୍ଥ ହେଉଛି ଅଉସି ସାଆଦ୍ ବା ଉଦାହରଣ ସ୍ୱରୁପ ଖଜ୍‌ରଜି ସାଆଦ୍ । ଏହି ଅଭିଯୋଗ କରୁଥିବା ସାହେବ ଜଣକ ବା ଟିପ୍ପଣୀ ଦେଇଥିବା ଏହି ସାହାବି ଜଣକ ଜଣାପଡୁଛି ଯେ, ନାମ ଭିତରେ ଥିବା ପ୍ରଭେଦକୁ ବୁଝିନାହାନ୍ତି ଓ ଏମିତି ହିଁ ଅକାରଣେ ଅଭିଯୋଗ କରିଛନ୍ତି । କିନ୍ତୁ ଏପରି କଥା ମଣିଷର ଜ୍ଞାନକୁ ବୃଦ୍ଧି କରିନଥାଏ ବରଂ ମୂର୍ଖତାର ପର୍ଦ୍ଦାଫାସ କରିଥାଏ ।

ପୁଣି ଆପଣ ର:ଅ କହୁଛନ୍ତି ଯେ, ଖିଲାଫତ ହେଉଛି ଏପରି ଏକ ଜିନିଷ ଯାହାଠାରୁ ଅଲଗା ହୋଇ ମଣିଷ କୌଣସି ସମ୍ମାନର ଅଧିକାରୀ ହୋଇପାରିବ ନାହିଁ । ଆପଣ ର:ଅ କହୁଛନ୍ତି ଯେ, ଏହି ମସ୍‌ଜିଦ୍‌ରେ ଯେଉଁଠି ଆପଣ ର:ଅ ଖୁତ୍‌ବା ଦେଉଥିଲେ ବୋଧ ହୁଏ ତାହା ମସ୍‌ଜିଦ୍ ଅକ୍‌ସା ଥିଲା ଯେ, ମୁଁ ହଜରତ ଖଲିଫା ଅୱ୍ୱଲ୍‌ଙ୍କଠାରୁ ଶୁଣିଛି ଆପଣ ଏକଥା କହୁଥିଲେ ଯେ, ତୁମେ ଜାଣିଛ କି, ପ୍ରଥମ ଖଲିଫାଙ୍କ ଶତ୍ରୁ କିଏ ଥିଲା ? ପୁଣି ନିଜେ ହିଁ ଏହି ପ୍ରଶ୍ନର ଉତର ଦେଇ ହଜରତ ଖଲିଫା ଅୱ୍ୱଲ୍ ର:ଅ କହିଲେ ଯେ, କୁର୍‌ଆନ୍ ପଢ଼ ତୁମେ ଜାଣିପାରିବ ଯେ, ତାଙ୍କର ଶତ୍ରୁ ଇବ୍‌ଲିସ୍ ଥିଲା । ଅର୍ଥାତ ଆଦନ୍ ଆ:ସଙ୍କୁ ଅଲ୍ଲାଃ ତାଲା ଖଲିଫା ନିୟୋଜିତ କଲେ କିନ୍ତୁ ତାହାଙ୍କ ଶତ୍ରୁ ଇବ୍‌ଲିସ୍ ଥିଲା । ତା'ପରେ ଆପଣ ର:ଅ କହିଲେ ମାନେ ହଜରତ ଖଲିଫା ଅୱ୍ୱଲ କହିଲେ ମୁଁ ମଧ ଖଲିଫା ଅଟେ । ଯିଏ ମୋର ଶତ୍ରୁ ସେ ମଧ ହେଉଛି ଇବ୍‌ଲିସ୍ ।

ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଖଲିଫା ମାମୁର୍ (ଅର୍ଥାତ ନବି ହୋଇନଥାନ୍ତି) ଯଦିଚ ଏହା ଜରୁରୀ ମଧ୍ୟ ନୁହେଁ ଯେ, ସେ ମାମୁର୍ ନ ହେବେ ହଜରତ ଆଦମ୍ ଆ:ସ ମାମୁର୍ ମଧ ଥିଲେ ଓ ଖଲିଫା ମଧ ଥିଲେ । ହଜରତ ଦାଉଦ୍ ଆ:ସ ମାମୁର୍ ମଧ ଥିଲେ ଓ ଖଲିଫା ମଧ ଥିଲେ ଏବଂ ସେହିପରି ହଜରତ ମସିହ ମଉଦ ଆ:ସ ମାମୁର୍ ଥିଲେ ଓ ଖଲିଫା ମଧ୍ୟ ଥିଲେ । ପୁଣି ସମସ୍ତ ଅମ୍ବିୟା ମାନେ ମାମୁର୍ ମଧ ହୋଇଥାନ୍ତି ଓ ଖୁଦାଙ୍କ ଦ୍ୱାରା ନିୟୋଜିତ ଖଲିଫା ମଧ ହୋଇଥାନ୍ତି । ଯେଉଁଭଳି ପ୍ରତ୍ୟେକ ବ୍ୟକ୍ତି ଏକପ୍ରକାରର ଖଲିଫା ହୋଇଥାଏ ସେହିପରି ଅମ୍ବିୟାମାନେ ମଧ୍ୟ ଖଲିଫା ହୋଇଥାନ୍ତି । କିନ୍ତୁ ଏପରି ଏକ ଖଲିଫା ଥାଆନ୍ତି ଯେଉଁମାନେ କେବେ ହେଲେ ବି ମାମୁର୍ ହୋଇନଥାନ୍ତି ଯଦିଚ ଆଜ୍ଞାନୁବର୍ତିତା ଦୃଷ୍ଟିକୋଣରୁ ସେମାନଙ୍କ ମଧ୍ୟରେ ଅମ୍ବିୟାଙ୍କ ମଧ୍ୟରେ କୌଣସି ଫରଗ୍ ନଥାଏ ଯେଉଁଭଳି ନବୀଙ୍କର ଆଜ୍ଞା ପାଳନ କରିବା ଜରୁରୀ ହୋଇଥାଏ ସେହିପରି ଆଜ୍ଞା ଖଲିଫାମାନଙ୍କର ପାଳନ କରିବା ମଧ ଜରୁରୀ ହୋଇଥାଏ । ହଁ ଏହି ଦୁଇଜଣଙ୍କର ଆଜ୍ଞାପାଳନ କରିବାରେ ଏକପ୍ରକାରର ଫରଗ୍ ପରିଲିଖିତ ହୋଇଥାଏ ତାହା ହେଉଛି ଏହା କି, ନବୀଙ୍କ ଆଜ୍ଞାବହତା ସ୍ୱୀକାର କରିବା ଓ ତାଙ୍କର ଆଜ୍ଞାନୁବର୍ତିତା ହେବା ଏଥିଯୋଗୁଁ ହୋଇଥାଏ ଯେ, ସେ ଐଶ୍ୱରିକ ବାଣୀକୁ ଲାଗୁ କରିଥାନ୍ତି ଓ ସମସ୍ତ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ହୋଇଥାନ୍ତି ଅର୍ଥାତ ଯେଉଁ ୱହି ନବୀଙ୍କ ଉପରେ ଅବତୀର୍ଣ୍ଣ ହୋଇଥାଏ ତାହାକୁ ସେ, ଲାଗୁ କରାଇଥାନ୍ତି ଏବଂ ଯେଉଁ ନିଜାମ୍‌କୁ ନବୀ ପ୍ରତିଷ୍ଠା କରିଥାନ୍ତି ତାହାକୁ ପରିଚାଳିତ କରିବାର ଖଲିଫା ହିଁ କେନ୍ଦ୍ରବିନ୍ଦୁ ହୋଇଥାନ୍ତି । ତେଣୁ ଜାଣିଥିବା ଲୋକେ ଓ ଜ୍ଞାନ ରଖିଥିବା ଲୋକେ ଏକଥା କହିଥାନ୍ତି ଯେ, ଅମ୍ୱେୟାମାନଙ୍କୁ ଇସ୍‌ମତେ କୁବ୍‌ରାଃ (ଅର୍ଥାତ ସବୁଠାରୁ ବଡ଼ ସମ୍ମାନ) ହାସଲ ହୋଇଥାଏ ଓ ଖଲିଫାମାନଙ୍କୁ ଇସ୍‌ମତେ ସୁଗ୍‌ରା (ଅର୍ଥାତ ନବିଙ୍କ ତୁଳନାରେ ଛୋଟ ସମ୍ମାନ) । ଏହି ମସ୍‌ଜିଦ୍‌ରେ (ଅର୍ଥାତ କାଦିୟାନରେ ଯେଉଁଠି ହଜରତ ମୁସ୍‌ଲେହ ମଉଦ୍ ଖୁତ୍‌ବା ଦେଉଛନ୍ତି ସେହି ମସ୍‌ଜିଦ୍‌ରେ) ଏହି ମେମ୍ବର ଉପରେ ଜୁମା ଦିନ ହଜରତ ଖଲିଫା ଅୱ୍ୱଲ୍‌ଙ୍କଠାରୁ ମୁଁ ଏକଥା ଶୁଣିଛି । ଆପଣ ର:ଅ କହୁଥିଲେ ଯେ, ମୋର ନିଜସ୍ୱ କାର୍ଯ୍ୟରୁ ଦୋଷଦୁର୍ବଳତା ବାହାର କରି ତୁମମାନେ ମୋ ଆଜ୍ଞାରୁ ବାହାର ହୋଇପାରିବ ନାହିଁ । କଦାପି ହୋଇପାରିବ ନାହିଁ । ଯଦି ମୋର କୌଣସି କର୍ମରେ କୌଣସି ଦୋଷଦୁର୍ବଳତାକୁ ଖୋଜି ବାହାର କରିଦିଅ ଏହାର ଅର୍ଥ ନୁହେଁ ଯେ, ତୁମେମାନେ ମୋ ଆଜ୍ଞାବହତା ସ୍ୱୀକାର କରିବାରୁ ବାହାର ହୋଇଯାଇଅଛ । ଖୁଦାତାଲା ତୁମ ଉପରେ ଯେଉଁ ଦାୟିତ୍ୱ ଦେଇଛନ୍ତି ସେଥିରୁ ତୁମେ ବାହାରି ଯାଇପାରିବ ନାହିଁ । କାରଣ ଯେଉଁ କାର୍ଯ୍ୟପାଇଁ ମୁଁ ଛିଡ଼ା ହୋଇଛି । ତାହା ହେଉଛି ଅଲଗା ଏବଂ ତାହା ନିଜାମ୍‌ର ଏକତା ଅଟେ । ସେଥିଯୋଗୁଁ ମୋ ଆଜ୍ଞାବହତା ସ୍ୱୀକାର କରିବା ଅନିବାର୍ଯ୍ୟ । ତେମେ ଅମ୍ବିୟାମାନଙ୍କ ସମ୍ବନ୍ଧରେ ଯେଉଁଠି ଖୁଦାତାଲାଙ୍କ ଏପରି କାର୍ଯ୍ୟ ରହିଛି ଯେ, କେବଳ ମନୁଷ୍ୟଗତ ଦୁର୍ବଳତାକୁ ବାଦ ଦେଲେ ଯେଉଁଥିରେ ଏକେଶ୍ୱରବାଦ ଓ ଅବତାରବାଦରେ ଫରକ୍ ଜାହିର କରିବା ପାଇଁ ଅଲ୍ଲାଃ ତାଲା ଦଖଲ ଦିଅନ୍ତି ନାହିଁ ଓ ଏଥିପାଇଁ ମଧ୍ୟ ଯେ ତାହା ଏ ଉନ୍ନତର ଶିକ୍ଷାପାଇଁ ଆବଶ୍ୟକ ହୋଇଥାଏ ଉଦାହରଣ ସ୍ୱରୁପ ସଜ୍‌ଦା ସହୁ ତାହା ମଧ ଭୁଲ୍ କରିଥିବା ଯୋଗୁଁ କରାଯାଇଥାଏ । କିନ୍ତୁ ଏହାର ଗୋଟିଏ ଉଦ୍ଦେଶ୍ୟ ହେଉଛି ଏ ସମ୍ପ୍ରଦାୟକୁ ସହୁ (ଅର୍ଥାତ ଭୁଲିଯିବା)ର ନିର୍ଦ୍ଦେଶର ବ୍ୟବହାରିକ ଶିକ୍ଷା ଦେବାର ଥିଲା । ଏପରି ଭୁଲ୍ ନବି ମଧ୍ୟ କରିପାରନ୍ତି । ଆଁ ହଜରତ ସ:ଆ:ସଙ୍କ ଦ୍ୱାରା ମଧ ହୋଇଅଛି ଏବଂ ସଜ୍‌ଦା ସହୁ ମଧ ଆପଣ ସ:ଆ:ସ କରିଛନ୍ତି । ପୁଣି କହୁଛନ୍ତି ଯେ, ଅମ୍ବିୟାମାନଙ୍କ ସମସ୍ତ କର୍ମ ଖୁଦାତାଲାଙ୍କ ସୁରକ୍ଷାରୁ ହିଁ ଅନୁଷ୍ଠିତ ହୋଇଥାଏ ଏବଂ ଏଠାର ଖଲିଫାମାନଙ୍କ ସମ୍ବନ୍ଧରେ ଖୁଦାତାଲାଙ୍କର ଏପରି ସୁନ୍ନତ ରହିଛି, ଅମ୍ବିୟାମାନଙ୍କ ପାଇଁ ତ ଏହା ହୋଇଗଲା ଯେ, ସେମାନଙ୍କର ସମସ୍ତ କର୍ମ ଖୁଦାତାଲାଙ୍କ ସୁରକ୍ଷାରେ ହିଁ ହୋଇଥାଏ କିନ୍ତୁ ଖଲିଫାମାନଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲାଙ୍କ ଏ କାର୍ଯ୍ୟବଳି ରହିଛି ଯେ, ସେମାନଙ୍କର ସେହି ସମସ୍ତ କର୍ମ ଖୁଦାତାଲାଙ୍କ ସୁରକ୍ଷାରେ ଅନୁଷ୍ଠିତ ହେବ ଯେଉଁ କର୍ମ ଏହି ସମ୍ପ୍ରଦାୟର ଉନ୍ନତି ସାଧନ ନିମନ୍ତେ ତାଙ୍କ ଦ୍ୱାରା ଅନୁଷ୍ଠିତ ହେବ ଏବଂ କଦାପି ମଧ ସେମାନେ କୌଣସି ପ୍ରକାର ଏପରି ଭୁଲ୍ କରିବେ ନାହିଁ ଏବଂ ଯଦି କରିଦିଅନ୍ତି ତେବେ ତା' ଉପରେ ପ୍ରତିଷ୍ଠିତ ରହିବେ ନାହିଁ । ଯାହା ଯମାତ୍ ଭିତରେ ବିଶୃଙ୍ଖଳା ସୃଷ୍ଟି କରୁଥିବ ଓ ଇସ୍‌ଲାମ୍‌ର ବିଜୟକୁ ପରାଜୟରେ ବଦଳାଇ ଦେଉଥିବ । ସେମାନେ ଯେଉଁ କାର୍ଯ୍ୟକୁ ମଧ୍ୟ ନିଜାମ୍‌ର ଦୃଢ଼ତା ଅର୍ଥାତ ଖଲିଫା ନିଜାମ୍‌ର ଦୃଢ଼ତା ପାଇଁ ଯେଉଁ କାର୍ଯ୍ୟ କରିବେ ଏବଂ ଇସ୍‌ଲାମ୍‌ର ଉନ୍ନତି ସାଧନ ନିମନ୍ତେ ଯେଉଁ କାର୍ଯ୍ୟକୁ କରିବେ ତାହା ସହିତ ଖୁଦାତାଲାଙ୍କର ସୁରକ୍ଷା ରହିବ ଏବଂ ଯଦି ସେମାନେ କେବେ ଭୁଲ୍ ମଧ କରିଦିଅନ୍ତି ତେବେ ଖୁଦାତାଲା ତାଙ୍କୁ ସୁଧାରିଦେବା ପାଇଁ ସ୍ୱୟମଂ ଦାୟିତ୍ୱ ବହନ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

କରିବେ । ଅର୍ଥାତ ନିଜାମ୍ ବିଷୟରେ ଖଲିଫାମାନଙ୍କ କର୍ମର ଯିମେଦାର୍ ଖଲିଫା ନୁହନ୍ତି ବରଂ ଖୁଦାତାଲା ଅଟନ୍ତି । ଏଥିପାଇଁ କୁହାଯାଉଛି ଯେ, ଅଲ୍ଲାଃ ତାଲା ଖଲିଫାମାନଙ୍କୁ ସ୍ୱୟଂ ପ୍ରତିଷ୍ଠିତ କରିଥାନ୍ତି । ଏହାର ଏ ଅର୍ଥ ନୁହେଁ ଯେ, ଏମାନେ ଭୁଲ୍ କରିପାରିବେ ନାହିଁ । ବରଂ ଅର୍ଥ ହେଉଛି ଏହା କି, ପ୍ରଥମତଃ ଏମାନଙ୍କ ଭାଷା ଦ୍ୱାରା ଏବଂ କର୍ମ ଦ୍ୱାରା ଖୁଦାତାଲା ସେହି ଭୁଲ୍‌କୁ ସୁଧାରି ଦେବେ ବା ତାଙ୍କ ଭାଷା ବା କର୍ମ ଦ୍ୱାରା ଭୁଲ୍ କାର୍ଯ୍ୟର ସୁଧାର ନ କରାଇବେ ତେବେ ସେହି ଭୁଲ୍‌ର କୁପରିଣାମକୁ ପରିବର୍ତନ କରାଇଦେବ । ଅର୍ଥାତ ତାହାର ଫଳାଫଳ ପୁଣି ଖରାପ ବାହାରିବ ନାହିଁ ।

ପୁଣି କହୁଛନ୍ତି ଯେ, ଯଦି ଖୁଦାତାଲାଙ୍କ ବୁଦ୍ଧି ଏକଥା ଚାହୁଁଥାଏ ଯେ, ଖଲିଫାମାନେ କେବେ କୌଣସି ଏପରି କଥା କରିବସନ୍ତି ଯାହାର ଫଳାଫଳ ପ୍ରକାଶ୍ୟରେ ମୁସଲମାନମାନଙ୍କ ପାଇଁ କ୍ଷତିକାରକ ହେଉଥିବ ଓ ଏହା ଯୋଗୁଁ ପ୍ରକାଶ୍ୟରେ ଯମାତ୍ ପାଇଁ ବିପଦପୂର୍ଣ୍ଣ ହେଉଥିବ ଯେ, ତାହା ଉନ୍ନତି କରିବା ପରିବର୍ତେ ଅବନତି ଆଡ଼କୁ ଯାଉଥିବ । ତେବେ ଏପରି ପରିପେକ୍ଷୀରେ ଅଲ୍ଲାଃ ତାଲା ଅତ୍ୟନ୍ତ ଗୁପ୍ତ ସାଧନ ଦ୍ୱାରା ଏହି ଭୁଲ୍‌ର ପରିଣାମକୁ ବଦଳାଇ ଦେବଏବଂ ଏ ଯମାତ୍ ଅବନତି କରିବା ପରିବର୍ତେ ଉନ୍ନତି ଆଡ଼କୁ ପାଦ ବଢ଼ାଇବ ଏବଂ ଏହି ଗୁପ୍ତ ଲୁକ୍କାୟିତ ବୁଦ୍ଧିମତା ମଧ୍ୟ ପୁରଣ ହୋଇଯିବ । ଯେଉଁଥିପାଇଁ ଖଲିଫାଙ୍କ ମନ ଭିତରେ କୌଣସି ଭୁଲ୍ ହୋଇଯାଇଥିଲା ବା ଗଫଲତ୍ ହୋଇଯାଇଥିଲା, ସେହି ହିକ୍‌ମତ୍ ପୁରଣ ହୋଇଯିବ । କିନ୍ତୁ ଅମ୍ବିୟାଙ୍କୁ ଏହି ଦୁଇଟି କଥା ହାସଲ ହୋଇଥାଏ । ଅର୍ଥାତ ଇସ୍‌ମତେ କୁବ୍‌ରା ମଧ୍ୟ ଏବଂ ଇସ୍‌ମତେ ସୁଗ୍‌ରା ମଧ୍ୟ । ସେ ନିଜାମ୍‌କୁ କାୟମ କରିବାର ମଧ୍ୟ କେନ୍ଦ୍ର ହୋଇଥାନ୍ତି ଏବଂ ଓ୍ୱହି (ସ୍ୱର୍ଗବାଣୀ ଏବଂ କର୍ମର ପବିତ୍ରତା ର  ମଧ କେନ୍ଦ୍ର ବିନ୍ଦୁ ହୋଇଥାନ୍ତି । କିନ୍ତୁ ଏହାର ମାନେ ଏହା ନୁହେଁ ଯେ, ପ୍ରତ୍ୟେକ ଖଲିଫାଙ୍କ ନିମନ୍ତେ ଏହା ଜରୁରୀ ଅଟେ ଯେ, ସେମାନେ କର୍ମର ପବିତ୍ରତାର କେନ୍ଦ୍ର ନହୁଅନ୍ତୁ । ହଁ ଏପରି ହୋଇପାରେ ସମ୍ଭବତଃ ପବିତ୍ରତା କର୍ମ ସହିତ ସମ୍ପର୍କ ରଖିଥିବା କିଛି କାର୍ଯ ଅଟେ, ତାହା ଅନ୍ୟାନ୍ୟ ଅଉଲିୟାଙ୍କଠାରୁ କମ୍ ହେବ । ତେଣୁ ଯେଉଁଠି ଏପରି ଖଲିଫା ହୋଇପାରନ୍ତି ଯେଉଁମାନେ କର୍ମର ପବିତ୍ରତାର କେନ୍ଦ୍ରବିନ୍ଦୁ ହୋଇଥାନ୍ତି । ଏବଂ ଏହି ସମ୍ପ୍ରଦାୟର ସଂଘଟନର ମର୍କଜ ମଧ୍ୟ, ସେଠାରେ ଏପରି ଖଲିଫା ମଧ ହୋଇପାରିବେ ଯେଉଁମାନେ ପବିତ୍ରତା ଏବଂ ଓ୍ୱଲି ହେବାରେ ଅନ୍ୟମାନଙ୍କଠାରୁ କମ୍ ହୋଇଥିବେ କିନ୍ତୁ କାର୍ଯ୍ୟ ଯୋଗ୍ୟତା ରେ ସେମାନେ ଅନ୍ୟମାନଙ୍କଠାରୁ ଅଧିକା ହୋଇଥାନ୍ତି କିନ୍ତୁ ସେ ଯାହା ହେଉ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ତାଙ୍କର ଆଜ୍ଞାନୁବର୍ତିତା ଫର୍ଜ ହେବ ଯେହେତୁ ନିଜାମ୍‌ର ଗୋଟିଏ ସୀମା ଧାର୍ଯ୍ୟ କରାଯାଇଛି, ସେ ପର୍ଯ୍ୟନ୍ତ ଯମାତ୍ ରାଜନୈତିକତାର ସହିତ ସମ୍ପର୍କ ରହିଛି ।

ଏବେ ଯମାତି ରାଜନୈତିକତା କଥା ଶୁଣି ଲୋକମାନେ ଏକ୍‌ଦମ ଚମକି ପଡ଼ିଥିବେ କେତେକ ଏକଥା ଭାବୁଥିବେ ଯେ, ଏ ଯମାତି ରାଜନିତି କ'ଣ ? ଏଠାରେ ଯେଉଁ ଶବ୍ଦ "ରାଜନିତି ବ୍ୟବହାର କରାଯାଇଛି ତାହାର ଅର୍ଥ ସାଧାରଣତଃ ଆମ ଭାଷାରେ କ'ଣ ? ସାଧାରଣତଃ ଆମ ଭାଷାରେ ଏହାର ଯେଉଁ ଅର୍ଥ କରାଯାଇଥାଏ । ତାହାକୁ ନକାରାତ୍ମକ ଢ଼ଙ୍ଗରେ କରାଯାଇଥାଏ । କିଛି ରାଜନୈତିଜ୍ଞମାନେ ଏ ଶବ୍ଦକୁ ବଦନାମ କରିଦେଇଛନ୍ତି । ଅର୍ଥାତ କ୍ଷେତି ପହଂଚାଇବା, ଭାଙ୍ଗିବା ଗଢ଼ିବା ବା ସଠିକ୍ ରୂପେ ନ କରିବା କିନ୍ତୁ ବାସ୍ତବିକ ଏହାର ଯେଉଁ ଅର୍ଥ ଶବ୍ଦକୋଷରେ ରହିଛି ତାହା ଅନୁସାରେ ଏହାର ଅର୍ଥ ହେଉଛି ବ୍ୟବସ୍ଥାକୁ ପରିଚାଳିତ କରିବାର ଶୈଳୀ ଅର୍ଥାତ ସଠିକ୍ ରୂପେ ବ୍ୟବସ୍ଥାକୁ ପରିଚାଳିତ କରିବା ଅବସ୍ଥାକୁ ରାଜନିତି କୁହାଯାଇଥାଏ । ପୁଣି ବୁଦ୍ଧିମତାର ସହିତ ଏହି କାର୍ଯ୍ୟକୁ ସମ୍ପାଦନ କରିବା ହେଉଛି ଏହାର ଅର୍ଥ । ଖରାପ କାର୍ଯ୍ୟକୁ ରୋକିବା ପାଇଁ ବ୍ୟବସ୍ଥାକୁ ସ୍ଥାପନ କରିବା ହେଉଛି ଏହାର ଅର୍ଥ ବୁଦ୍ଧି ଓ ବିବେକର ସହିତ କାମକୁ ପରିଚାଳନା କରିବା । ଆନ୍ତର୍ଜାତୀୟ ମାମଲାଗୁଡ଼ିକୁ ସଠିକ୍ ରୂପେ ନିର୍ବାହ କରିବାର ଦକ୍ଷତା ରହିବା ହେଉଛି ଅସଲ ରାଜନିତି ଅର୍ଥାତ ସମସ୍ତପ୍ରକାର ସକାରାତ୍ମକ କଥା ହେଉଛି ଏହି ଅର୍ଥର ଶବ୍ଦ କିନ୍ତୁ ଯେମିତି ମୁଁ କହିସାରିଛି ଯେ, ଦୁର୍ଭାଗ୍ୟ ବସତଃ ଆମେ ଅସଲ ଅର୍ଥକୁ ଭୁଲିଯାଇ ରାଜନିତି କରୁଥିବା ଲୋକମାନଙ୍କ କାର୍ଯ୍ୟକଳାପ ଯୋଗୁଁ ଓ ନିଜର ହିଁ ଭୁଲ୍ କର୍ମ ଯୋଗୁଁ ନକାରାତ୍ମକ ଅର୍ଥକୁ ନେଇଥାଉ । କିନ୍ତୁ ସେ ଯାହା ହେଉ ଏଠାରେ ହଜରତ ମୁସ୍‌ଲେହ ମଉଦ ର:ଅ ରାଜନିତିର ଯେଉଁ ଶବ୍ଦଟି ପ୍ରୟୋଗ କରିଛନ୍ତି ତାହାକୁ ସେ, ସକାରାତ୍ମକ ରୂପେ ବ୍ୟବହାର କରିଛନ୍ତି ଓ ସେଥିରେ ସେହି ସମସ୍ତ କଥାଗୁଡ଼ିକ ଆସିଯାଉଛି ଯାହା ମୁଁ ଏବେ ବର୍ଣ୍ଣନା କଲି । ଏହାର ଅର୍ଥ ହେଉଛି ଏହା କି ନିଜାମ୍‌କୁ ଚଳାଇବାପାଇଁ ଯେଉଁ ବୁଦ୍ଧି, ଜ୍ଞାନ, ଚତୁରତା ଓ ସାମର୍ଥ୍ୟ ରହିବା ଉଚିତ ।

କହୁଛନ୍ତି ଯେ, ଯେହେତୁ ଗୋଟିଏ ସୀମା ପର୍ଯ୍ୟନ୍ତ ନିଜାମ୍‌ର ଯମାତି ରାଜନିତି ସହିତ ସମ୍ବନ୍ଧ ବା ସମ୍ପର୍କ ରହିଛି ତେଣୁ ଖଲିଫାମାନଙ୍କ ସମ୍ବନ୍ଧରେ ପ୍ରାଥମିକ ପାର୍ଶ୍ୱ ଏହା ଦେଖାଯାଇଥାଏ ଯେ, ସେମାନେ ନିଜାମ୍‌ର ପାର୍ଶ୍ୱକୁ ସବୁଠାରୁ ଉପରେ ରଖିଥାନ୍ତି । ଯଦିଚ ତତ୍‌ସହିତ ଏହା ମଧ୍ୟ ଜରୁରୀ ଅଟେ ଯେ, ଧର୍ମକୁ ସୁଦୃଢ଼ ରଖିବା ଓ ତା'ର ଅର୍ଥର ସ୍ଥାପନାକୁ ମଧ୍ୟ ଆଖି ଆଗରେ ରଖିବା, ଯମାତର ବ୍ୟବସ୍ଥାକୁ ମଧ୍ୟ ଚଳାଇବା ହେଉଛି ଖଲିଫାଙ୍କର କର୍ତବ୍ୟ ଓ ତତ୍‌ସହିତ ଧର୍ମକୁ ସୁଦୃଢ଼ ରଖିବା ଓ ତା'ର ସ୍ଥାପନାକୁ ମଧ୍ୟ ସମ୍ମୁଖରେ ରଖିବା ଜରୁରୀ ଅଟେ । ସେଥିପାଇଁ ଖୁଦାତାଲା ପବିତ୍ର କୋରାନ୍‌ରେ ଯେଉଁଠି ଖିଲାଫତ୍‌ର ଚର୍ଚ୍ଚା କରିଛି ସେଠାରେ ଏକଥା ବତାଇଛି ଯେ, ***ଓ୍ୱଲୟୁମକ୍କିନନ୍ନା ଲହୁମ୍ ଦିନହୁମୁଲ ଲଜି ଇର୍‌ତଜା ଲହୁମ୍*** ଅର୍ଥାତ ଖୁଦା ତାଙ୍କ ଧର୍ମକୁ ମଜ୍‌ଭୁତ କରିବ ଓ ତାକୁ ସଂସାର ଉପରେ ବିଜୟୀ କରାଇବ ।

ସୁତରାଂ ଯେଉଁ ଦୀନ୍ (ଧର୍ମ) ଖଲିଫାମାନେ ଉପସ୍ଥାପନ କରିବେ ତାହା ଖୁଦାତାଲାଙ୍କ ସୁରକ୍ଷା ବଳୟ ମଧରେ ରହିଥାଏ କିନ୍ତୁ ଏହା ହିଫାଜତେ ସୁଗ୍‌ରା ଅର୍ଥାତ ଛୋଟ ସୁରକ୍ଷା ହୋଇଥାଏ । ଆପଣ ର:ଅ କହୁଛନ୍ତି ଯେ, ଆଶିଂକ ଭାବେ (କୌଣସି ଏକ ପାର୍ଶ୍ୱରେ) ସେମାନେ ଭୁଲ୍ କରିପାରନ୍ତି ଓ ଖଲିଫାମାନଙ୍କ ମଧ୍ୟରେ ଆପୋଷରେ ମତଭେଦ ବି ହୋଇପାରେ କିନ୍ତୁ ତାହା ଅତ୍ୟନ୍ତ ଛୋଟିଆ କଥା, ମାମୁଲି ଜିନିଷ ହୋଇଥାଏ ଯେମିତି କେତେକ ସମସ୍ୟା ସମ୍ବନ୍ଧରେ ହଜରତ ଅବୁବୁକର ର:ଅ ଏବଂ ହଜରତ ଉମର୍ ର:ଅଙ୍କ ମଧ୍ୟରେ ମତଭେଦ ରହିଥିଲା । ବରଂ ଆଜିପର୍ଯ୍ୟନ୍ତ ମଧ୍ୟ ମୁସଲମାନମାନେ ସେହି ସମସ୍ୟା ଗୁଡ଼ିକ ସମ୍ବନ୍ଧରେ ଏକପ୍ରକାରର ଆସ୍ଥା ଗ୍ରହଣ କରିପାରିନାହାନ୍ତି । କିନ୍ତୁ ଏହି ମତଭେଦ କେବଳ ପାର୍ଶିକଭାବେ ହୋଇଥାଏ । ମୁଳସିଦ୍ଧାନ୍ତ ଉପରେ ସେମାନଙ୍କ ମଧ୍ୟରେ କେବେ ହେଲେ ମତଭେଦ ହେବ ନାହିଁ । ବରଂ ତା ବିପରୀତ ସେମାନଙ୍କ ମଧ୍ୟରେ ଏକତା ରହିବ ଅର୍ଥାତ ଖଲିଫାମାନେ ଦୁନିଆର ପଥପଦର୍ଶକ, ମାର୍ଗଦର୍ଶକ ଏବଂ ସଂସାରବାସୀଙ୍କୁ ସତ୍‌ଆଲୋକ ପହଂଚାଇ ଚାଲିବେ । ତେଣୁ ଏକଥା କହିଦେବା ଯେ, କୌଣସି ବ୍ୟକ୍ତି ବୟତ ନକରି ମଧ୍ୟ ଏପରି ପଦମର୍ଯ୍ୟାଦା ଲାଭ କରିପାରେ ଯେଉଁ ପଦମର୍ଯ୍ୟାଦାକୁ ବୟତ କରିଥିବା ବ୍ୟକ୍ତି ହାସଲ କରିଅଛି । ବାସ୍ତବରେ ଏହା ପ୍ରକାଶ କରୁଅଛି ଯେ, ଏପରି ବ୍ୟକ୍ତି ବୟତ ଏବଂ ନିଜାମ୍ ବିଷୟରେ କିଛି ଜାଣି ହିଁ ନାହିଁ ।

ପରାମର୍ଶ ସମ୍ବନ୍ଧରେ ଏହା ମଧ ମନେ ରଖିବା ଉଚିତ ଯେ, ଜଣେ ପ୍ରବୀଣ ବ୍ୟକ୍ତି ସେ ଯେକୌଣସି ଧର୍ମ ହୋଇଥାଉ ପଛେ ତାହାଠାରୁ ପରାମର୍ଶ ନିଆଯାଇଥାଏ । ହଜରତ ମସିହ ମଉଦ ଆ:ସ ଗୋଟିଏ ମୋକଦ୍ଦମାରେ ଜଣେ ଅଙ୍ଗ୍ରେଜ ଓକିଲକୁ ରଖିଥିଲେ । କିନ୍ତୁ ଏହାର ଅର୍ଥ ଏକଥା ନୁହେଁ ଯେ, ଆପଣ ଆ:ସ ନବୁଓ୍ୱତ ବ୍ୟବସ୍ଥା ସମ୍ବନ୍ଧରେ ତା'ଠାରୁ ପରାମର୍ଶ ନେଇଛନ୍ତି । ଯେତେବେଳେ ଅହଜାବ୍ ଯୁଦ୍ଧ ହେଲା ସେତେବେଳେ ରସୁଲେ କରିମ୍ ସ:ଆ:ସ ହଜରତ ସଲ୍‌ମାନ୍ ଫାର୍ସି ର:ଅଙ୍କଠାରୁ ପରାମର୍ଶ ନେଲେ ଏବଂ କହିଲେ ଯେ, ତୁମ ଦେଶରେ ଯୁଦ୍ଧ ସମୟ ହେବାପରେ କଣ କଣ ହୋଇଥାଏ । ସେ ବତାଇଲେ ଯେ, ଆମ ଦେଶରେ ଖନ୍ଦକ (ଗଡ଼ଖାଇ) ଖୋଳାଯାଇଥାଏ ଆଁ ହଜରତ ସ:ଆ:ସ କହିଲେ ଏହା ବହୁତ ଭଲ ପରାମର୍ଶ । ସୁତରାଂ ଖନ୍ଦକ ଖୋଳାଗଲା ସେଥିପାଇଁ ତାକୁ ଖନ୍ଦକ ଯୁଦ୍ଧ ମଧ୍ୟ କୁହାଯାଇଥାଏ ଏହା ସତ୍ୱେ ମଧ ଆମେ ଏହା କହିପାରିବା ନାହିଁ ଯେ, ସଲ୍‌ମାନ୍ ଫାର୍ସି ଯୁଦ୍ଧ ବିଦ୍ୟାରେ ରସୁଲେ କରିମ୍ ସ:ଆ:ସଙ୍କ ଠାରୁ ଅଧିକ ପ୍ରବୀଣ ଥିଲେ । ଅର୍ଥାତ ତାଙ୍କୁ ଯୁଦ୍ଧ ବିଦ୍ୟା ସମ୍ପାଦନ କରିବାରେ ଏପରି ସ୍ଥାନ କେଉଁଠି ହାସଲ ହୋଇଥିଲା ଯେଉଁ ସ୍ଥାନ ମୁହମ୍ମଦ ସ:ଆ:ସଙ୍କୁ ହାସଲ ହୋଇଥିଲା ବା ମୁହମ୍ମଦ୍ ସ:ଆ:ସ ଯେଉଁ କାର୍ଯ୍ୟ ସମ୍ପାଦନ କରିଛନ୍ତି ତାହା କେବେ ହଜରତ ସଲ୍‌ମାନ୍ ଫାର୍ସି ର:ଅ କରିଛନ୍ତି କି, ବରଂ ଖଲିଫାମାନଙ୍କ ଯୁଗରେ ମଧ୍ୟ ହଜରତ ସଲ୍‌ମାନ ଫାର୍ସି ର:ଅଙ୍କୁ କୌଣସି ସେନାର କମାଣ୍ଡରି ଇନ୍ ଚିଫ୍ ମଧ କରାଯାଇନାହିଁ । ଯେବେ କି ସେ ବହୁତ ଲମ୍ବା ବୟସ ପାଇଥିଲେ । ସୁତରାଂ ଜଣେ ଏକ୍ସପଟ ଲୋକ ସେ ଅନ୍ୟ ଧର୍ମର ହୋଇଥିଲେ ମଧ୍ୟ ତା'ଠାରୁ ପରାମର୍ଶ ନେଇପାରେ । ଆପଣ ର:ଅ ପୁଣି ନିଜା କହୁଛନ୍ତି ଯେ, ମୁଁ ଯେତେବେଳେ ବେମାର ଥିଲି ସେତେବଳେ ଇଂରେଜ ଡ଼ାକ୍ତରମାନଙ୍କ ନିକଟରୁ କେତେକ ପରାମର୍ଶ ନେଇଛି ଏହାର ଅର୍ଥ ନୁହେଁ ଯେ, ଖିଲାଫତ ସମ୍ବନ୍ଦରେ ମଧ୍ୟ ମୁଁ ତାଙ୍କଠାରୁ ପରାମର୍ଶ ନେଇଅଛି ବା ମୁଁ ତାଙ୍କୁ ଏପରି ପଦମର୍ଯ୍ୟାଦା ଦ୍ୱାରା ରହିବା ଭାବୁଅଛି । ଯେଉଁ ପଦମର୍ଯ୍ୟାଦା ଉପରେ ପ୍ରତିଷ୍ଠିତ ରହିବାର ହଜରତ ମସିହ ମଉଦ ଆ:ସଙ୍କର ସାହାବାମାନଙ୍କୁ ମୁଁ ଭାବିଥାଏ । ସାହାବାମାନଙ୍କଠାରୁ ଯେବେ ମୁଁ ପରାମର୍ଶ ନେଇଥାଏ ତେବେ ଏହାର ଅର୍ଥ ଏହା ନୁହେଁ ଯେ, ଅନ୍ୟମାନଙ୍କଠାରୁ ପରାମର୍ଶ ନେବା ଏବଂ ସାହାବାମାନଙ୍କଠାରୁ ପରାମର୍ଶ ନେବା ଏକ କଥା । ସାହାବମାନଙ୍କର ପଦ ମର୍ଯ୍ୟାଦା ବହୁତ ଶୀର୍ଷରେ । ବରଂ ଏହାର ଅର୍ଥ କେବଳ ଏହା କି ମୁଁ ଚିକିତ୍ସା ଶାସ୍ତ୍ର ସମ୍ବନ୍ଧରେ ପରାମର୍ଶ ନେଇଛି ଅଥବା କୌଣସି ଏକ ବିଶେଷ କାର୍ଯ୍ୟପାଇଁ ପରାମର୍ଶ ନେଇଛି । ସୁତରାଂ ମନେ କର ଯେ, ସାଆଦ୍ ବିନ୍ ଉବାଦା ର:ଅଙ୍କଠାରୁ କୌଣସି ସାଂସାରିକ କାର୍ଯ୍ୟ ସମ୍ବନ୍ଧରେ ପରାମର୍ଶ ନେବ ଓ ଯେଉଁଥିରେ ସେ ପ୍ରବୀଣ ଥିବେ, ଯଦି ଏହାର ପ୍ରମାଣ ମଧ ତେବେ ଏହା କୁହାଯାଇପାରିବ ନାହିଁ । ସେତେବେଳେ ମଧ ଏହା କୁହାଯାଇପାରିବ ନାହିଁ ଯେ, ସେ ପରାମର୍ଶ ଦେବାପାଇଁ ସାମିଲ ହେଉଥିଲେ । ତାଙ ସମ୍ବନ୍ଧରେ ଏପରି କୌଣସି ସଠିକ୍ ରିଓ୍ୱାୟତ ମଧ୍ୟ ନାହିଁ ଯେଉଁଥିରେ ଏକଥା ମିଳୁଥିବ ଯେ, ସେ ପରାମର୍ଶ ଦେବାରେ ସାମିଲ ହେଉଥିଲେ ବୋଲି, ମୋଟାମୋଟି ରୂପେ ରିଓ୍ୱାୟତ ଗୁଡ଼ିକରେ ଏକଥା ବର୍ଣ୍ଣିତ ଅଛି ଯେ, ସେ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ମଦିନାକୁ ଛାଡ଼ି ଶାମ୍ (ସିରିଆ) ଆଡ଼କୁ ଚାଲିଯାଇଥିଲେ ଓ ସାହବାଙ୍କ ଉପରେ ଏ ପ୍ରଭାବ ପଡ଼ିଥିଲା ଯେ, ସେ ଇସ୍‌ଲାମୀୟ ମର୍କଜ (କେନ୍ଦ୍ର)ଠାରୁ ଅଲଗା ହୋଇସାରିଛନ୍ତି । ତେଣୁ ସାହାବାମାନଙ୍କ ସମ୍ବନ୍ଧରେ ଏକଥା ଆସୁଛି ଯେ, ସେମାନେ ସାଆଦ୍‌ଙ୍କ ଦେହାନ୍ତରେ ଏକଥା କହିଛନ୍ତି ଯେ, ଫରିସ୍ତାମାନେ ବା ଜିନ୍ନମାନେ ତାଙ୍କୁ ମାରିଦେଇଛନ୍ତି । ଏକଥାରୁ ଜଣାପଡୁଛି ଯେ, ସାହାବାମାନେ ତାଙ୍କ ମୃତ୍ୟୁକୁ ମଧ୍ୟ ଭଲ ଭାବୁନଥିଲେ କାରଣ ଏପରି ତ ପ୍ରତେକ ବ୍ୟକ୍ତିକୁ ଫରିସ୍ତା ହିଁ ମାରିଥାଏ କିନ୍ତୁ ତାଭ ତାଙ୍କ ମୃତ୍ୟୁ ସମ୍ପର୍କରେ ବିଶେଷରୂପେ ଏକଥା କହିବା ଯେ, ତାଙ୍କୁ ଜିନ୍ନମାନେ ମାରିଦେଇଛନ୍ତି, ଏହା ବତାଉଛି ଯେ, ସେମାନଙ୍କ ନିକଟରେ ସାଆଦ୍‌ଙ୍କ ଦେହାନ୍ତ ଏପର ଢ଼ଙ୍ଗରେ ହୋଇଥିଲା ଯେ, ଯେପରି ଖୁଦାତାଲା ତାଙ୍କୁ ନିଜର ବିଶେଷ କାର୍ଯ୍ୟଦ୍ୱାରା ଉଠାଇ ନେଇଛନ୍ତି । ଅର୍ଥାତ ସେ ଏପରି କୌଣସି ପ୍ରକାରର ବିଶ୍ୱାସଘାତକତା ବା ଅନ୍ୟ କୌଣସି ପ୍ରକାରର ବିରୋଧପୂର୍ଣ୍ଣ କାର୍ଯ୍ୟ ବା ଅନ୍ୟ କୌଣସି କଥାର କାରଣ ନା ହେବେ ଯାହା ଫଳରେ ତାଙ୍କର ସେହି ପଦମର୍ଯ୍ୟା କ୍ଷୁର୍ଣ୍ଣ ହେଉଥିବ । ସେ ଯାହା ହେଉ ସେହି ବଦ୍ରୀସାହାବାମାନଙ୍କ ମଧ୍ୟରେ ଥିଲେ କିନ୍ତୁ ପରିଶେଷରେ ସେ ଅଲଗା ହୋଇଯାଇଥିଲେ ।

ଏକଥା ବର୍ଣ୍ଣନା କରିବାପରେ ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ଏହି ସବୁ ରିଓ୍ୱାୟତ ଗୁଡ଼ିକ ବତାଉଛନ୍ତି ଯେ, ତାଙ୍କର ସମ୍ମାନ ସାହାବାମାନଙ୍କ ହୃଦୟ ଭିତରେ ଏପରି ନଥିଲା ଯେପରି ସମ୍ମାନ ତାଙ୍କୁ ତାଙ୍କ ପଦମର୍ଯ୍ୟାଦା ଯୋଗୁଁ ମିଳିବା ଉଚିତ ଥିଲା, ଯାହାକୁ ସେ କେବେ ହାସଲ ମଧ୍ୟ କରିଥିଲେ ଏବଂ ସାହାବାମାନେ ତାଙ୍କଠାରୁ ଖୁସୀ ନଥିଲେ । ନଚେତ ସେମାନେ କାହିଁକି ଏକଥା କହିଥାନ୍ତେ ଯେ, ଫରିସ୍ତାମାନେ ଏବଂ ଜିନ୍ନ ମାନେ ତାଙ୍କୁ ମାରିଦେଇଛନ୍ତି ବୋଲି ବରଂ ଏହାଠାରୁ ମଧ୍ୟ କ୍ଲିଷ୍ଟ ଭାଷା ତାଙ୍କ ଦେହାନ୍ତ ସମୟରେ କୁହାଯାଇଅଛି । ଯାହାକୁ ମୁଁ ନିଜ ମୁହଁରେ କହିବାକୁ ଚାହୁଁନାହିଁ ।

ସୁତରାଂ ଏ ମନୋଭାବ ପୋଷଣା କରିବା କି ଖିଲାଫତ୍‌ର ବୟତ ବିନା ମଧ ମଣିଷ ଇସ୍‌ଲାମୀୟ ନିଜାମ୍‌ରେ ନିଜର ପଦମର୍ଯ୍ୟାଦାକୁ କାଏମ୍ ରଖିପାରେ ଏହା ଇସ୍‌ଲାମିୟ ଶିକ୍ଷାର ସମ୍ପୂର୍ଣ୍ଣରୂପେ ବିରୋଧ ଅଟେ । ଏବଂ ଯେଉଁବ୍ୟକ୍ତି ଏହି ପ୍ରକାରର ମନୋଭାବ ନିଜ ମନ ଭିତରେ ରଖିଥାଏ ମୁଁ ଭାବିପାରୁନାହିଁ ଯେ, ସେ ବୟତର ଅର୍ଥକୁ ଟିକିଏ ବୋଲି ବୁଝିଥିବ । *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୧୬, ପୃ-୯୫ ରୁ ୧୦୧, ଖୁତ୍‌ବା ଜୁମା ପ୍ରଦତ ୮ ଫେବୃୟାରୀ ୧୯୩୫)*

ହଜରତ ସାଆଦ୍ ବନ୍ ଉବାଦାଃ ର:ଅଙ୍କ ଦେହାନ୍ତ ସିରିଆ ଦେଶର ହୁରାନ୍‌ଠାରେ ହୋଇଥିଲା । ହଜରତ ଉମର୍ ର:ଅଙ୍କ ଖଲିଫା ନିର୍ବାଚିତ ହେବାର ଅଢ଼େଇ ବର୍ଷ ପରେ ହୋଇଥିଲା । ଅଲ୍ଲାମା ଇବ୍‌ନେ ହଜରେ ଅସ୍‌କଲାନିଙ୍କ ମୁତାବକ ତାଙ୍କ ଦେହାନ୍ତ ସିରିଆ ଦେଶର ଗୁସ୍‌ରା ସହରରେ ହୋଇଥିଲା ଏହା ସିରିଆ ଦେଶର ପ୍ରଥମ ସହର ଥିଲା ଯାହାକୁ ମୁସ୍‌ଲମାନମାନେ ଜିଣି ଥିଲେ । ମଦିନାରେ ତାଙ୍କ ମୃତ୍ୟୁ ବିଷୟରେ କିଛି ଜଣାନାହିଁ ପୁଣି କିପରି ଜଣାପଡ଼ିଲା ? ଏଠାରେ ଗୋଟିଏ ରିଓ୍ୱାୟତ ମିଳୁଛି ଯେ, ମଦିନାରେ ଏକଥା ସେତେବେଳେ ଜଣାପଡ଼ିଲା ଯେତେବେଳେ ବିଇରେ ମନ୍‌ବ୍‌ବିହା ବିଇରେ ସକନ୍ କୂଅରେ ଥିଲେ ସେଥିରେ ଦୁଇପ୍ରହରର ଭୀଷଣ ଗରମ ସମୟରେ ଡ଼ିଆଁ ମାରୁଥିବା ବାଳକମାନଙ୍କ ମଧ୍ୟରୁ ଜଣେ ସେହି କୂଅ ଭିତରେ କାହାକୁ ଏକଥା କହିବାର ଶୁଣିଲା ଯେ,

***କଦ୍ କତଲ୍‌ନା ସେୟଦଲ୍ ଖଜ୍‌ରଜି ସାଆଦବ୍‌ନା ଉବାଦାଃ ଓ୍ୱରମୈନାହୁ ବିସହ୍‌ମଇନି ଫଲମ୍ ନୁଖ୍‌ଟି ଫୁଆଦାଃ***

ଅର୍ଥାତ ଆମେ ଖଜ୍‌ରଜ୍‌ର ସର୍ଦ୍ଦାର ସାଆଦ୍ ବିନ୍ ଉବାଦାଃ ର:ଅଙ୍କୁ ହତ୍ୟା କରିଦେଇଛୁ ଆମେ ତାଙ୍କୁ ଦୁଇଟି ତୀର ମାରିଲୁ ଆମେ ତାଙ୍କ ଛାତିରେ ତୀର ନିକ୍ଷେପ କରିବାରେ ଭୁଲ୍ କରିନାହୁଁ । ପିଲାମାନେ ଡ଼ରିଗଲେ ଓ ଲୋକମାନେ ସେହି ଦିନକୁ ମନେ ରଖିଲେ । ଲୋକମାନେ ସେହି ଦିନକୁ ହଜରତ ସାଆଦ୍‌ଙ୍କ ଦେହାନ୍ତର ଦିନ ବୋଲି ଜାଣିଲେ । ହଜରତ ସାଆଦ୍ ର:ଅ ବସି ପରିସ୍ରା କରୁଥିଲେ ଯେ, ସେହି ଅବସ୍ଥାରେ ତାଙ୍କୁ ହତ୍ୟା କରିଦିଆଗଲା ଏବଂ ସେ ସେହି ସମୟରେ ହିଁ ମୃତ୍ୟୁବରଣ କଲେ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ଦେହାନ୍ତ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟରେ ହୋଇଥିଲା ତାଙ୍କ ଦେହାନ୍ତର ବର୍ଷ ମଧରେ ମତଭେଦ ରହିଛି । କିଛି ରିଓ୍ୱାୟତ ମୁତାବକ ୧୪ ହିଜ୍‌ରୀ ରେ ହୋଇଥିଲା ଓ ଆଉ କେତେକଙ୍କ ମୁତାବକ ୧୫ ହିଜ୍‌ରୀରେ ହୋଇଥିଲା ଏବଂ ଆଉ କେତେକଙ୍କ ମୁତାବକଲ ତାଙ୍କର ମୃତ୍ୟୁ ୧୬ ହିଜ୍‌ରୀରେ ହୋଇଥିଲା । ହଜରତ ସାଆଦ୍ ର:ଅଙ୍କ କବର ଦମଶକ୍ ନିକଟରେ ଥିବା ନଶିବି ଆଡ଼କୁ ଅବସ୍ଥିତ ଗୋଟିଏ ଗ୍ରାମ ମନିହା ଠାରେ ରହିଛି । *(ତବକାତୁଲ୍ କୁବ୍‌ରା ଲେଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ୪୬୩ ସାଆଦ୍ ବିନ୍ ଉବାଦାଃ, ଦାରୁଲ୍ କୁତୁବୁଲ ଅଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୧୨) (ଅଲ୍ ଅସାବା...... ଲେଇବ୍‌ନେ ହଜ୍‌ରେ ଅସ୍‌କଲାନି ଖଣ୍ଡ-୩, ପୃ-୫୬ ସାଆଦ୍ ବିନ୍ ଉବାଦା, ଦାରୁଲ୍ କୁତୁବୁଲ ଅଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୫) (ଅଲ୍ ଇସ୍ତିଆବ୍...... ଖଣ୍ଡ-୨,ପୃ-୧୬୪, ସାଆଦ୍ ବିନ୍ ଉବାଦା, ଦାରୁଲ୍ କୁତୁବୁଲ ଅଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୨)*

ଏବେ ମୁଁ ଏହାପରେ ଦୁଇଜଣ ମରହୁମିନ୍ (ମୃତବ୍ୟକ୍ତି)ଙ୍କ ବିଷୟରେ ଚର୍ଚ୍ଚା କରିବି ଓ ସେମାନଙ୍କର ଏବେ ଯନାଜାଃ ମଧ ପଢ଼ାଇବି । ଇନ୍‌ଶଅଲ୍ଲାଃ

ସର୍ବପ୍ରଥମେ ମୁଁ ମୁକ୍‌ରମ୍ ସୟଦ୍ ମୁହମ୍ମଦ୍ ସରଓ୍ୱର୍ ଶାହା ସାହେବ୍ ଯିଏ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ର ମେମ୍ବର ଥିଲେ ୮ ଜାନୁୟାରୀ ଦିନ ୮୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । କିଛି ଦିନ ହେବ ସେ କ୍ୟାନ୍‌ସରରେ ପିଡ଼ୀତ ଥିଲେ କିନ୍ତୁ ବହୁତ ଧୈର୍ଯ୍ୟ ଓ ସାହାସର ସହିତ ସେ ରୋଗର ସାମନା କରିଛନ୍ତି ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜର ଧାର୍ଯ୍ୟ କର୍ତବ୍ୟକୁ ସୁଚାରୁରୂପେ ନିର୍ବାହ କରିବାପାଇଁ ଚେଷ୍ଟା କରିଛନ୍ତି । କେବେ ହେଲେ ବି ରୋଗ ତାଙ୍କ କାର୍ଯ୍ୟର ପ୍ରତିବନ୍ଧକ ହୋଇନାହିଁ । ସେ ମଉଜା ସୁଙ୍ଗୁଡ଼ା ଓଡ଼ିଶା ପ୍ରଦେଶର ଜଣେ ପ୍ରସିଦ୍ଧ ନିଷ୍ଠାବାନ୍ ଅହେମଦୀ ବଂଶର ଥିଲେ । ତାଙ୍କର ଅଣଅଜା ହଜରତ ସୟଦ ଅବ୍‌ଦୁର୍ ରହିବ୍ ସାହେବ୍ ର:ଅ ହଜରତ ମସିହ ମଉଦ ଆ:ସଙ୍କ ସାହାବି ଥିଲେ ତାଙ୍କ ଜନ୍ମ ହେବା ସମୟରେ ତାଙ୍କ ବାପା ତାଙ୍କ ଶଶୁରଙ୍କଠାରୁ ତାଙ୍କର ନାମ ରଖିବାପାଇଁ ଦରଖାସ୍ତ କରିଥିଲେ । ଏଥିରେ ସେ କହିଲେ ମୁଁ ସ୍ୱପ୍ନରେ ସୟଦ ସରଓ୍ୱର୍ ଶାହା ସାହେବ୍‌ଙ୍କୁ ଦେଖିଛି କି ସେ ଆମ ଘରକୁ ଆସିଛନ୍ତି ସେଥିଯୋଗୁଁ ତାଙ୍କ ନାମ ମଧ୍ୟ ସୟଦ ସରଓ୍ୱର ରଖିଦିଅନ୍ତୁ । ସେ ପ୍ରାଥମିକ ଶିକ୍ଷା ଶେଷ କରିବାପରେ ଜିଲ୍ଲା କଟକଠାରେ ବି.ଏ ପାସ୍ କଲେ ପୁଣି ପ୍ରାଇଭେଟ ସ୍କୁଲରେ ହେଡ଼ମାଷ୍ଟର ରୂପେ ସେବା କାର୍ଯ୍ୟ ଆରମ୍ଭ କଲେ । ତା'ପରେ ଓଡ଼ିଶା ହାଇକୋର୍ଟରେ ଆସିଷ୍ଟାଂଟ ରହିଲେ । ତା'ପରେ ପୁଣି ଅଡ଼ିଟ ଅଫିସର ପଦବୀରେ ଅଧିଷ୍ଠିତ ହେଲେ ଏବଂ ଅବସରପ୍ରାପ୍ତପରେ ମଧ ୧୯୯୫ ମସିହାରେ ଯମାତ୍‌ର ଖିଦ୍‌ମତ୍ କରିବାପାଇଁ ନିଜକୁ ଓ୍ୱକଫ୍ (ଉତ୍ସର୍ଗ) କଲେ ହଜରତ ଖଲିଫତୁଲ୍ ମସିହି ରାବେ ରହ୍‌ମୁଲ୍ଲାଃ ୧୯୯୬ ମସିହାରେ କିଛି କାର୍ଯ୍ୟ ତାଙ୍କ ଦାୟିତ୍ୱରେ ଦେଲେ ଓ ସେହି କାର୍ଯ୍ୟର ଇନଚାର୍ଜ ତାଙ୍କୁ ବନାଇଲେ । ତାଙ୍କୁ ଉମ୍‌ରାଃ କରିବାପାଇଁ ମଧ ସୌଭାଗ୍ୟ ମିଳିଛି ମରକଜି ଅଡ଼ିଟର୍ ଏବଂ କେତେକ ମାମଲାରେ One Man Commission ରୂପେ ତାଙ୍କୁ ହଜରତ ଖଲିଫତୁଲ୍ ମସିହ ରାବେ ରହ୍‌ମୁଲ୍ଲାଃ ମୃତୟନ କରିଥିଲେ । ଏବଂ ପୁଣି ସେ, ଶେଷ ପର୍ଯ୍ୟନ୍ତ ଅଡ଼ିଟ ର ପଦବୀରେ ହିଁ କାର୍ଯ୍ୟରତ ଥିଲେ । ତାଙ୍କୁ ୯ ବର୍ଷ ପର୍ଯ୍ୟନ୍ତ ସଦର କଜା ବୋର୍ଡ଼ ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ତାଙ୍କ କାର୍ଯ୍ୟ କରିବାର ସାମର୍ଥ୍ୟ ବହୁତ ଭଲ ଥିଲା ବହୁତ ଦିନ ପର୍ଯ୍ୟନ୍ତ ମର୍କଜୀ ଅଡ଼ିଟର ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ସେହିପରି କେତେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରିୟ କମିଟିର ସଦର ଓ ମେମ୍ବର ମଧ୍ୟ ରହିଛନ୍ତି । ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସଦର ଅଞ୍ଜୁମନ ଅହେମଦୀୟା ର ସଦସ୍ୟରୂପେ ସେ ରହିବାର ସୌଭାଗ୍ୟ ପାଇଛନ୍ତି । ହଜରତ ଖଲିଫତୁଲ ରାବେ ରହ୍‌ମୁଲ୍ଲାଃ ତାଙ୍କୁ ଗୋଟିଏ ଚିଠିରେ ନିର୍ଦ୍ଦେଶ ଦେଇଥିଲେ ଯେ, ଆପଣ ଖୁବ୍ କାର୍ଯ୍ୟ କରୁଛନ୍ତି । ***ଜଜାକମୁଲ୍ଲାଃ ଓ୍ୱଅହସମୁଲ୍ ଜଜା*** । ସେ ନିର୍ବିକାର ସହିତ ବାସ୍ତବିକତାକୁ ପରିପ୍ରକାଶ କରିବାକୁ ଭଲ ପାଉଥିଲେ । ମାଆଶଅଲ୍ଲାଃ ନିଜର ପ୍ରୋଗ୍ରାମ ମୁତାବକ ବହୁତ ଉତମ କାର୍ଯ୍ୟ କରିଅଛ ସେହିପରି କାର୍ଯ୍ୟ ସମ୍ପାଦନ କରିଚାଲ ଅଲ୍ଲାଃ ତାଲା ବହୁତ ସୂକ୍ଷ୍ମ ଓ ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱ ଉପରେ ନଜର ରଖିଥାନ୍ତି । ଆପଣ ସେହିପରି ନିଜର ପ୍ରୋଗ୍ରାମ ମୁତାବକ କାର୍ଯ୍ୟ ଜାରି ରଖନ୍ତୁ । ଆପଣଙ୍କୁ ଏଥିରୁ କେହି ରୋକିପାରିବେ ନାହିଁ । ଅଲ୍ଲାଃ ତାଲା ଆପଣଙ୍କୁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ଏବଂ ବୟସରେ ବୃଦ୍ଧି ଘଟାନ୍ତୁ । (ସେତେବେଳେ ତାଙ୍କ ସ୍ୱାସ୍ଥ୍ୟପାଇଁ ଓ ବୟସ ପାଇଁ ମଧ୍ୟ ଆର୍ଶିବାଦ ଦେଇଛନ୍ତି) ।

କାଦିୟାନ୍‌ର ନାଜିମ୍ ସାହେବ୍ ଦାରୁଲ୍ କଜା ବର୍ଣ୍ଣନା କରୁଛନ୍ତି ଯେ, କଜା ବିଭାଗର ସମସ୍ତ ସଦସ୍ୟମାନଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଥିଲା । ବୋର୍ଡ଼ ଅଧିନରେ ଥିବା ମୁକଦ୍ଦମା ଗୁଡ଼ିକରେ ଯଥା ସମ୍ଭବ ଶୀଘ୍ର ଫଇସଲା କରିବାପାଇଁ ଚେଷ୍ଟା କରୁଥିଲେ । ସେ ବହୁତ ସତର୍କତାର ସହିତ ମିଶଲ୍‌ର ଯାଏଜା (ଅନୁଧ୍ୟାନ) କରୁଥିଲେ, ନ୍ୟାୟ ଉପରେ ଫଇସଲା କରିବାପାଇଁ ଯଥା ସମ୍ଭବ ଚେଷ୍ଟା କରୁଥିଲେ । ସେ ଉତମ ରାୟ ପ୍ରଦାନ କାରି ଥିଲେ ଏବଂ ସମ୍ବେଦନଶୀଳ ମାମଲାରେ ଅଲ୍ଲାଃ ତାଲାଙ୍କଠାରୁ ସାହାଯ୍ୟ ଭିକ୍ଷା କରୁଥିଲେ ।

ତାଙ୍କ କ୍ୱାଇଁ ଡ଼ାକ୍ତର ତାରିକ୍ ସାହେବ୍ ଯିଏ ନୂର ହସ୍ପିଟାଲ କାଦିୟାନରେ ସିନିୟର ମେଡ଼ିକାଲ ଅଫିସର ଅଛନ୍ତି । ସେ କହୁଛନ୍ତି ଯେ, ତାଙ୍କ ଶ୍ୱଶୁର ନିୟମିତ ତହଯୁଦ୍ ପାଠ କରିବା ବ୍ୟତିତ ମସ୍‌ଜିଦ୍ ମୁବାରକ ରେ ସମୟ ଅନୁସାରେ ନମାଜ ପାଠ କରୁଥିଲେ । ଯେତେବେଳେ ତାଙ୍କର ଗୋଡ଼ ହାତ ଥରିବାକୁ ଲାଗିଲା ଫଳତ ସେ ଠିକ୍‌ଭାବେ ଚାଲିପାରୁନଥିଲେ ସେତେବେଳେ ମଧ ସେ ଅନ୍ୟମାନଙ୍କ ସାହାଯ୍ୟ ନେଇ ମସ୍‌ଜିଦ୍ କୁ ଯାଉଥିଲେ । ଜୁମା ନାମଜରେ ସର୍ବଦା ଉଚିତ ସମୟରେ ଯାଇ ପ୍ରଥମ ଧାଡ଼ିରେ ବସୁଥିଲେ ନମାଜ ମଗରିବ୍‌ରୁ ନେଇ ଇସା ନମାଜ ପର୍ଯ୍ୟନ୍ତ ମସ୍‌ଜିଦ୍‌ରେ ବସି ନଫିଲ୍ ନମାଜ, ଦୁଆ ଏବଂ ତସ୍‌ବିହ କରିବାରେ ବ୍ୟସ୍ତ ରହୁଥିଲେ ।

ନାଜିରେଆଲା କାଦିୟାନ ମଧ ଲେଖୁଛନ୍ତି ଯେ, ତାଙ୍କର ବହୁତ ଭଲ ଗୁଣ ଥିଲା ସେ ବହୁତ ମେଳାପି ଥିଲେ, ଅତିଥି ପରାୟଣ ଥିଲେ, ଅତ୍ୟନ୍ତ ପରିଶ୍ରମି ବ୍ୟକ୍ତି ଥିଲେ, ଗରିବମାନଙ୍କୁ ସହାନୁଭୂତି ଦେଖାଉଥିଲେ ଓ ନିଜ ଉପରେ ଅଫିସରଙ୍କ ଅତ୍ୟନ୍ତ ଆଜ୍ଞାବହ ଥିଲେ । ଖିଲାଫତ ସହିତ ତାଙ୍କର ଗଭୀର ସମ୍ପର୍କ ଥିଲା ଓ ଅନ୍ୟମାନଙ୍କୁ ମଧ୍ୟ ଖିଲାଫତ ସହିତ ଯୋଡ଼ି ହୋଇ ରହିବା ପାଇଁ ଉପଦେଶ ଦେଉଥିଲେ ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ ଏବଂ ତାଙ୍କର ସମସ୍ତ ପୁଅଝିଅ ଯମାତି କାର୍ଯ୍ୟରେ ବଢ଼ିଚଢ଼ି କରି ଭାଗ ନେଉଛନ୍ତି । ତାଙ୍କର ସାନପୁଅ ସୟଦ ମେହମୁଦ୍ ଅହେମଦ୍ ନୂର ହସ୍ପିଟାଲ୍ କାଦିୟାନ୍‌ରେ ଜଣେ ଫାର୍ମାସିଷ୍ଟରୂପେ ସେବା କାର୍ଯ୍ୟ କରୁଛନ୍ତି । ତାଙ୍କର ଦୁଇଜଣ କ୍ୱାଇଁ ସୟତ ତନଓ୍ୱିର ଅହେମଦ୍ ସାହେବ ଏବଂ ଡ଼ାକ୍ତର ତାରିକ୍ ଅହେମଦ୍ ସାହେବ ଓ୍ୱାକିଫେ ଜିନ୍ଦେଗୀ ଅଟନ୍ତି । ଦୁଇଜଣଯାକ କାଦିୟାନରେ ସେବା କରିବାର ସୌଭାଗ୍ୟ ପାଉଛନ୍ତି ସେହିପରି ସାନ କ୍ୱାଇଁ ମୋହସିନ୍ ଖାନ୍ ସାହେବ୍, ସେ ମଧ୍ୟ ଅବସରପ୍ରାପ୍ତପରେ ସ୍ୱେଚ୍ଛାସେବକ ଭାବେ ଯମାତର ସେବା କରୁଅଛନ୍ତି ।

ଯେ ପର୍ଯ୍ୟନ୍ତ ସାହାବାଯାଦା ମିର୍ଜା ଓ୍ୱସିମ୍ ଅହେମଦ ସାହେବ ମର୍‌ହୁମ୍ ନାଜିରେଆଲା ରହିଲେ ସେ ପର୍ଯ୍ୟନ୍ତ ନିଜ ପରଧି ଭିତରେ ରହି ଅଡ଼ିଟ କରିଛନ୍ତି ଏବଂ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ବାହ୍ୟରୂପରୁ ହିଁ ସେ ମଣିଷ ବୋଲାଇଥାଏ । ସୁତରାଂ ଏଖ୍‌ଲାକ୍ (ସୁଚରିତ୍ର)ର ଅର୍ଥ ଖୁଦାତାଲାଙ୍କ ସାନ୍ନିଧ ହାସଲ କରିବା (ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ବ୍ୟବହାରିକ ଜୀବନରେ ସମ୍ପୁର୍ଣ୍ଣରୂପେ ଦୃଷ୍ଟିଗୋଚର ହୋଇଥାଏ) । ସେଥିଯୋଗୁଁ ଜରୁରୀ ଅଟେ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନଶୈଳୀ ମୁତାବକ ନିଜର ଜୀବନକୁ ଗଢ଼ିତୋଳିବା ପାଇଁ ଚେଷ୍ଟା କରାଯାଉ । ଏହି ଏଖ୍‌ଲାକ୍ ତା'ର ମୂଳଦୁଆ ଅଟେ । ଯଦି ତାହା ଦୋହଲି ଯିବ ତେବେ ତା'ଉପରେ ଇମାରତ ବନାଇ ପାରିବା ନାହିଁ । ଏଖ୍‌ଲାକ୍ ହେଉଛି ଗୋଟିଏ ଇଟା ଉପରେ ଆଉ ଗୋଟିଏ ଇଟାକୁ ରଖିବା ଯଦି ଗୋଟିଏ ଇଟା ତେଢ଼ା ରହେ ତେବେ ସମ୍ପୁର୍ଣ୍ଣ କାନ୍ଥଟି ତେଢ଼ା ହୋଇଯାଇଥାଏ । କେହି ଜଣେ କେତେ ଭଲ କଥା କହିଛନ୍ତି:

***ଖସ୍‌ତେ ଅୱ୍‌ଲ୍ ଚୁଁ ନହଦ୍ ମୋମାର୍ କଜ୍        ତା ସୁରୈୟା ମୀ ରୱ୍‌ଦ୍ ଦିୱ୍ୱାର୍ କଜ୍***

ଏକଥାକୁ ବହୁତ ଧ୍ୟାନ ଦେଇ ଶୁଣିବା ଉଚିତ । ଅଧିକାଂଶ ଲୋକଙ୍କୁ ମୁଁ ଦେଖିଛି ଏବଂ ଧ୍ୟାନର ସହିତ ଅଧ୍ୟୟନ କରିଛି ଯେ, କିଛି ଲୋକ ତ' ଦାନ ଦେଇଥାନ୍ତି କିନ୍ତୁ ତତ୍‌ସହିତ କ୍ରୋଧ ଏବଂ ଦୁଃଖ ପ୍ରକାଶ କରିଥାନ୍ତି । କେତେ ଲୋକ ବିନମ୍ର ତ ଅଟନ୍ତି କିନ୍ତୁ ତତ୍‌ସହିତ କୃପଣ ଅଟନ୍ତି, କେତେକ କ୍ରୋଧିତ ଅବସ୍ଥାରେ ଠେଙ୍ଗାରେ ପିଟିପିଟି କ୍ଷତାକ୍ତ କରିଦେଇଥାନ୍ତି ଯେବେକି ତାଙ୍କଠାରେ ବିନମ୍ରତାର ଭାବ ଟିକିଏ ହେଲେ ବି ନଥାଏ । କେତେକଙ୍କୁ ଦେଖିଛି ଯେ, ବିନୟୀ ଓ ବିନମ୍ର ଭାବ ତାଙ୍କ ନିକଟରେ ବହୁମାତ୍ରାରେ ତ ଥାଏ କିନ୍ତୁ ସାହାସ ନଥାଏ ଏପରି କି, ତାଉନ୍ ଏବଂ ହଇଜାର ନାମ ଶୁଣିବା କ୍ଷଣି ତାଙ୍କୁ ଝାଡ଼ା ଲାଗିଯାଇଥାଏ । ମୁଁ ଏହା ଭାବୁନାହିଁ ଯେ, ଯିଏ ଏପରି ସାହାସ ଦେଖାଉନାହିଁ ତା'ର ଇମାନ୍ ନାହିଁ । ସାହାବା କରାମ୍‌ଙ୍କ ମଧ୍ୟରେ କେତେ ଲୋକ ଏପରି ଥିଲେ ଯେ, ତାଙ୍କୁ ଯୁଦ୍ଧ କରିବାପାଇଁ ଶକ୍ତି ଓ ସାହାସ ନଥିଲା ତେଣୁ ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କୁ ବାଦ୍ ଦେଉଥିଲେ । ଏହି ଏଖ୍‌ଲାକ୍ ବହୁତ ପ୍ରକାରର । ମୁଁ ଜଲ୍‌ସା ମଜାହିବ୍‌ର ତକ୍‌ରିର୍‌ରେ ଏହା ସବୁକୁ ସ୍ପଷ୍ଟରୂପେ ବ୍ୟାଖ୍ୟା କରି ବର୍ଣ୍ଣନା କରିଛି । ପ୍ରତ୍ୟେକ ବ୍ୟକ୍ତି ସମସ୍ତ ଶୁଗୁଣର ଅଧିକାରି ମଧ୍ୟ ନୁହେଁ ଏବଂ ସମ୍ପୁର୍ଣ୍ଣରୂପେ ସେଥିରୁ ବଂଚିତ ମଧ୍ୟ ନୁହେଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୧୨ ରୁ ୧୧୪ ପ୍ରକାଶନ୨୦୧୮ କାଦିୟାନ)*

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଗୁଡ଼ିକରୁ ଯମାତ୍‌ର ପୁରୁଷ ଓ ମହିଳାମାନେ ସକାଳୁ ହିଁ ଏଠାରେ ଆସି ପହଂଚିବା ଆରମ୍ଭ କରିଦେଇଥିଲେ । କେତେକ ଫ୍ୟାମିଲି ଓ ବ୍ୟକ୍ତିଗତ ସଦସ୍ୟ ବହୁତ ଦୁର ରାସ୍ତାକୁ ଯାତ୍ରାକରି ଏଠାରେ ଆସି ପହଂଚିଥିଲେ । ହାଇଡ଼ଲ୍‌ବର୍ଗରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୧୦୦ କିମି, ଫୁଲ୍‌ଡ଼ାରୁ ଆସିଥିବା ସଦସ୍ୟମାନେ ୧୨୫ କିମି, କୋବଲ୍‌ଜରୁ ୧୩୫ କିମି, କୋଲନ୍‌ରୁ ୧୭୫ କିମି, କାସିନ୍‌ରୁ ୨୦୦ କିମି, ହାନୋଭର୍‌ରୁ ୩୫୦ କିମି, ମ୍ୟୁନିଖ୍ ରୁ ୫୦୦ କିମି, ହମ୍ବ୍‌ବର୍ଗରୁ ୫୫୦ କିମି ଏବଂ ବର୍ଲିନ୍ ରୁ ଆସିଥିବା ସଦସ୍ୟମାନେ ୬୦୦ କିମି ରାସ୍ତାକୁ ଯାତ୍ରାକରି ଜୁମା ନମାଜ ପଢ଼ିବାପାଇଁ ଏଠାରେ ଆସି ପହଂଚିଥିଲେ ।

ଜୁମା ନାମଜରେ ମୋଟ୍ ଉପସ୍ଥାନ ପାଖାପାଖି ୫୦୦୦ ଥିଲା ଯମାତ୍‌ର ଲୋକମାନଙ୍କର ଆଗମନ ବହୁଳଭାବରେ ହେଉଥିଲା ଆଜିକାର ଏହି ଖୁତ୍‌ବା ଜୁମାଟି ମଧ୍ୟ ଏମ୍‌ଟିଏ ଇଂଟରନ୍ୟାସନାଲ ଜରିଆରେ ସିଧାପ୍ରସାରଣ ହେଉଥିଲା । ଠିକ୍ ୨ଟି ବେଳେ ହଜୁର ଅନୱ୍ୱର ଅ:ବ:ଅ ବଇତୁଲ୍ ଆଫିୟତ୍ ଠାରେ ପଦାର୍ପଣ କରି ଖୁତ୍‌ବା ଜୁମା ପ୍ରଦାନ କଲେ । (ଏହି ଖୁତ୍‌ବା ଜୁମାଟିର ସମ୍ପୁର୍ଣ୍ଣ ଆଲେଖ୍ୟଟି ଅଖ୍‌ବାର ବଦରର ସଂଖ୍ୟା ୪୫ରେ ପ୍ରକାଶ ହୋଇସାରିଛି) ।

ହଜୁର ଅନୱ୍ୱର ଅ:ବ:ଅଙ୍କ ଏହି ଖୁତ୍‌ବା ଜୁମା ଦିନ ୩ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନୱ୍ୱର ଅ:ବ:ଅ ଜୁମା ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନୱ୍ୱର ଅ:ବ:ଅ ବଇତୁସ୍ ସବୁହ୍ ଲେଉଟିଗଲେ ଏବଂ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୬:୩୦ ବେଳେ ହଜୁର ଅନୱ୍ୱର ଅ:ବ:ଅ ନିଜର ଦଫ୍‌ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେସନ୍‌ରେ ୩୨ଟି ଫ୍ୟାମିଲିର ୯୩ଜଣ ସଦସ୍ୟ ଏବଂ ୨୮ ଜଣ ବ୍ୟକ୍ତିଗତ ରୂପେ ଏହିପରି ମୋଟ୍ ୧୨୧ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ସବୁ ଫ୍ୟାମିଲିଗୁଡ଼ିକ ଓ ବ୍ୟକ୍ତିଗତ ସଦସ୍ୟମାନେ ନିଜ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ । ହଜୁର ଅନୱ୍ୱର ଅ:ବ:ଅ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟଛୋଟ କୁନିକୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ୪୩ଟି ଭିନ୍ନ ଭିନ୍ନ ଯମାତଗୁଡ଼ିକରୁ ଆସିଥିଲେ । କେତେକ ଯମାତ୍‌ଗୁଡ଼ିକରୁ ଏହି ଫ୍ୟାମିଲିଗୁଡ଼ିକ ବହୁତ ଦୁର ରାସ୍ତାକୁ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । କୋବଲ୍‌ନଜ୍ ରୁ ଆସିଥିବା ସଦସ୍ୟମାନେ ୧୩୫ କିମି, କାସିଲ୍‌ରୁ ୧୯୦ କିମି, ହେମ୍ବବର୍ଗରୁ ୫୫୦ କିମି, ବର୍ଲିନରୁ ଆସିଥିବା ସଦସ୍ୟମାନେ ଊଣା ଅଧିକେ ୬୦୦ କିମି ର ରାସ୍ତାକୁ ଅତିକ୍ରମ କରି ନିଜ ପ୍ରୀୟ ଆକାଙ୍କୁ ସାକ୍ଷାତ କରିବାପାଇଁ ଏଠାରେ ଆସି ପହଂଚିଥିଲେ ।

ଆଜି ସାକ୍ଷାତ କରୁଥିବା ଲୋକମାନଙ୍କ ମଧ୍ୟରୁ ଏକ ବହୁତ ବଡ଼ ସଂଖ୍ୟା ସେମାନଙ୍କର ଥିଲା ଯେଉଁମାନେ ପାକିସ୍ତାନରୁ ଆସି ଏଠାରେ ପହଂଚିଥିଲେ ଓ ନିଜ ଜୀବନରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କରୁଥିଲେ । ନିଜ ଦେଶରେ ନିଜ ଦେଶର ଲୋକମାନଙ୍କ ଜରିଆରେ ଅତ୍ୟାଚାରିତ ହୋଇ ଏହି ଲୋକମାନେ ଆଜି ନିଜ ପ୍ରୀୟ ଆକାଙ୍କ ନିକଟରେ କିଛି ଘଡ଼ି ସମୟ ବିତାଇବାର ସୌଭାଗ୍ୟ ପାଉଥିଲେ । ସେମାନଙ୍କର ମନ ଶାନ୍ତିରେ ଭରି ଯାଇଥିଲା ଓ ଦୁଃଖ ହରଣ ହେଉଥିଲା ଏବଂ ନିଜ ଆଖିରୁ କୃତଜ୍ଞତାର ଅଶ୍ରୁ ବହି ପଡୁଥିଲା ଏହିପରି ଭାବବିହ୍ୱଳ ପରିବେଶରେ ସେମାନେ ଏଠାରୁ ବିଦାୟ ନେଲେ ।

**ତକ୍‌ରିବେ ଆମିନ୍**

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା ଏହାପରେ ହଜୁର ଅନୱ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ହଲ୍ ଭିତରକୁ ପ୍ରବେଶ କଲେ ସେଠାରେ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

ହଜୁର ଅନୱ୍ୱର ଅ:ବ:ଅ ନିମ୍ନଲିଖିତ ୨୩ ଜଣ ପୁଅ ଓ ଝିଅଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ । ଅଜିଜମ୍ ଏହ୍‌ସାନ୍ ଅହମଦ୍ ତାହେର, ଅଜିଜମ୍ ଅବ୍‌ଦୁଲ୍ଲାଃ ୱ୍ଡ଼ାଇଚ୍, ଅଜିଜମ୍ ମୁହମ୍ମଦ ଅର୍‌ସଲାନ୍ ଖାନ୍, ଅଜିଜମ୍ ଦବୀର୍ ଅହ୍‌ମଦ୍, ଶାୟାନ ନାସିର୍ ଲଙ୍ଗାହ, ଅର୍‌ସଲ୍ ଖୋକର୍, ସୁହେଲ୍ ଦାନିଆଲ୍ ଅହ୍‌ମଦ୍, ଲୁକ୍‌ମାନ୍ ବାଜ୍‌ୱା, ସଫୱ୍ୱାନ୍, ଅହ୍‌ମଦ୍ ତାହେର୍, ୟାସିର୍ ଅହ୍‌ମଦ୍ ମହ୍‌ମୁଦ୍, ରଫେଲ୍ ଅହ୍‌ମଦ୍, ଜକି ଅଫ୍‌ଜାଲ୍ ଅହ୍‌ମଦ୍, କାଦିଦ୍ ଇକ୍‌ବାଲ୍, ସାକିବ ଇକ୍‌ବାଲ୍, ହସନ୍ ଅକ୍‌ବର୍ ବେଶ୍, ସମ୍‌ରୁଲ୍ଲାହା ଆଜାନ୍ ଇକ୍‌ବାଲ୍, ଜାଫର୍ ଅହ୍‌ମଦ୍ ଆବିଦ୍ ଅର୍‌ମାନ୍, ଅହମଦ୍ ମୁଦସିର୍ ।

ଅଜିଜାଃ ଫରିହା ଅହ୍‌ମଦ୍, ଅରୁସା ସଇଦ୍, ଫରିହା ମୀର୍, ଅଫଶାଁ ହ୍‌ମଦ୍ ଏବଂ ଅଜିଜାଃ ସବିକା ଅର୍‌ଶଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନୱ୍ୱର ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱ୍ୱର ଅ:ବ:ଅ ନିଜ ଆବାସସ୍ଥଳିକୁ ଚାଲିଗଲେ ।

**୧୭ ଅକ୍ଟୋବର ୨୦୧୫ (ଶନିବାର)**

ହଜୁର ଅନୱ୍ୱର ଅ:ବ:ଅ ଭୋର୍ ୬:୪୦ରେ ଫଜର୍ ନାମଜ ପଢ଼ାଇଲେ । ନାମଜ ପାଠପରେ ହଜୁର ଅନୱ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଯାମିୟା ଅହେମଦୀୟା ଜର୍ମାନିର ଶାହିଦ୍ କ୍ଲାସ୍‌ର ବିଦ୍ୟାର୍ଥମାନଙ୍କୁ ସାର୍ଟିଫିକେଟ ବିତରଣ ଉତ୍ସବ**

ସକାଳବେଳା ହଜୁର ଅନୱ୍ୱର ଅ:ବ:ଅ ଦଫ୍‌ତରି ଚିଠିପତ୍ର ଓ ରିପୋର୍ଟସ ଇତ୍ୟାଦି ତଦାରଖ କଲେ ଓ ସେଥିରେ ରିମାର୍କସ ଦେଲେ ।

ଆଜି ପ୍ରୋଗ୍ରାମ ମୁତାବକ ଯାମିୟା ଅହେମଦୀୟା ଜର୍ମାନିରୁ ଏ ବର୍ଷ ଉତୀର୍ଣ୍ଣ ହୋଇଥିବା ମୁବଲିଗିନ୍ କରାମ୍‌ଙ୍କ ପ୍ରଥମ କ୍ଲାସକୁ (ଶାହିଦ୍) ଡ଼ିଗ୍ରୀର ସାର୍ଟିଫିକେଟ ଦିଆଯିବାର ଉତ୍ସବ ଅନୁଷ୍ଠିତ ହେଉଥିଲା ।

ଯାମିୟା ଅହେମଦୀୟା ଜର୍ମାନୀର ସଭାରମ୍ଭ ଯମାତ୍ ଜର୍ମାନୀର ମର୍କଜ ''ବଇତୁସ୍ ସବୁହ୍'' ର ଗୋଟିଏ ଭାଗରେ ଅଗଷ୍ଟ ୨୦୦୮ ମସିହାରେ ହୋଇଥିଲା । ହଜୁର ଅନୱ୍ୱର ଅ:ବ:ଅ ନିଜର ଜର୍ମାନୀ ଗସ୍ତ ସମୟରେ ୨୦ ଅଗଷ୍ଟ ୨୦୦୮କୁ ଯାମିୟା ଅହେମଦୀୟା ଜର୍ମାନିର ଉଦ୍‌ଘାଟନ କରିଥିଲେ ।

ହଜୁର ଅନୱ୍ୱର ଅ:ବ:ଅ ନିଜର ଉଦ୍‌ଘାଟନି ଅଭିଭାଷଣରେ ଯାମିୟାର ସ୍ଥାପନା ସମ୍ବନ୍ଧରେ ଚର୍ଚ୍ଚା କରି କହିଥିଲେ: ''ମୁଁ ଭାବୁଥିଲି ଯେ, ଯାମିୟା ଅହେମଦୀୟା ଜର୍ମାନୀ କିଛି ସମୟ ଅନ୍ତେ ଆରମ୍ଭ ହେବ ଏତେ ଶିଘ୍ର ଆରମ୍ଭ ହୋଇପାରିବ ନାହିଁ କିନ୍ତୁ ଅମୀର ସାହେବ୍ ଏ କଥାରେ ବହୁତ ଜୋର୍ ଦେଉଥିଲେ ଯେ, ଏହି ଜୁବ୍‌ଲି ବର୍ଷ ଏଠିକାର ଯାମିୟା ଆରମ୍ଭ କରାଯାଉ । ପ୍ରଥମେ ସେ ଗୋଟିଏ ଜାଗା ଖୋଜିଲେ ପୁଣି ଆଉ ଗୋଟିଏ ସ୍ଥାନ ଖୋଜିଲେ ବହୁତ ସାରା ପ୍ରତିବନ୍ଧକ ଆସିଲା କିନ୍ତୁ ଯେ ହେତୁ ସେ ଏକଥାରେ ପକ୍କା ଥିଲେ ଯେ, ଆମେ ଏ ବର୍ଷ ନିଶ୍ଚିତରୂପେ ଆରମ୍ଭ କରିବୁ । ପୁଣି ସେ ମୋଠାରୁ ଅନୁମତି ନେଲେ ଯେ, ଏଠାରେ ବଇତୁସ୍ ସବୁହ୍ ଠାରେ ଖୁଦାମୁଲ୍ ଅହେମଦୀୟାର ଦଫ୍‌ତର ପାଇଁ ଯେଉଁ ଜାଗା ଦିଆଯାଇଅଛି ତାହାକୁ ବ୍ୟବହାର କରି ବର୍ତମାନ ଏଠାରେ ଯାମିୟା ଆରମ୍ଭ କରିଦିଆଯାଉ ଓ ଏହି ଅବଧିରେ ଜାଗା ତଲାସ୍ କରାଯାଉ ଯେଉଁଠି ଆସନ୍ତା ଜରୁରତ କୁ ଦୃଷ୍ଟି ଆଗରେ ରଖି କ୍ଲାସ ରୁମ୍ ଏବଂ

ହଷ୍ଟେଲ ଇତ୍ୟାଦି ବାକି ଜିନିଷଗୁଡ଼ିକର ଯେଉଁ ଆବଶ୍ୟକ ରହିଛି ତାହା ଯୋଗାଇ ଦିଆଯାଉ । କିନ୍ତୁ ସେ ଯାହା ହେଉ ଅଲ୍ଲାଃ ତାଲା ତାଙ୍କର ଏହି ପ୍ରୟାସକୁ ଗ୍ରହଣ କଲେ ଏବଂ ଆଜି ଆମେ ଦେଖୁଅଛେ ଯେ, ଯାମିୟା ଏଠାରେ ଆରମ୍ଭ ହେଉଅଛି ।

ସୁତରାଂ ଯାମିୟା ଅହେମଦୀୟା ଜର୍ମାନୀର ଆରମ୍ଭ ବଇତୁସ୍ ସବୁହ ଠାରେ ଏପରି ହୋଇଛି ଯେ, ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ୟଇଓ୍ୱାନେ ଖିଦ୍‌ମତ୍ ରେ ଥିବା ନିଜ କାର୍ଯ୍ୟାଳୟ ସହିତ ସଲଗ୍ନ ଦୁଇଟି ଯାକ ହଲ୍ ଏବଂ ଗ୍ୟାଲେରୀକୁ ଖାଲି କରିଦେଇଛି । ଏହି ଦୁଇଟିଯାକ ହଲ୍ ଭିତରେ ଯାମିୟାର କାର୍ଯ୍ୟାଳୟ, ପ୍ରିନ୍ସପାଲ୍ ଅଫିସ୍, ଷ୍ଟାଫରୁମ୍ ଏବଂ କ୍ଲାସ ରୁମ୍ ସ୍ଥାପନ କରାଯାଇଛି । ବିଦ୍ୟାର୍ଥୀମାନଙ୍କ ଏକାଠି ପାଇଁ ସ୍ଥାନ ପ୍ରସ୍ତୁତ କରାଯାଇଛ । ବିଦ୍ୟାର୍ଥୀମାନଙ୍କ ହଷ୍ଟେଲ ନିମନ୍ତେ ବଇତୁସ୍ ସବୁହ୍ ଠାରେ ଥିବା ତିନିମହଲା ବିଶିଷ୍ଟ ଆପାର୍ଟମେଂଟକୁ ବ୍ୟବହାର କରାଯାଇଛି । ବିଦ୍ୟାର୍ଥୀମାନଙ୍କ ଆବଶ୍ୟକତା ନିମନ୍ତେ ଗୋଟିଏ ବଡ଼ ବିଶାଳ ଲାଇବ୍ରେରୀ ପୂର୍ବରୁ ହିଁ ବଇତୁସ୍ ସବୁହଠାରେ ମହ୍‌ଜୁଦ୍ ଥିଲା । ସେହିପରି ମସ୍‌ଜିଦ୍, ପ୍ରୋଗ୍ରାମ କରିବାପାଇଁ ହଲ୍, କିଚେନ୍, ଡ଼ାଇନିଙ୍ଗ ହଲ୍, ସ୍ପୋର୍ଟସ ହଲ୍ ଏବଂ ପାର୍କିଙ୍ଗପାଇଁ ଏକ ବିରାଟ ଜାଗା ଏହାସବୁ କିଛି ବଇତୁସ୍ ସବୁହ୍‌ଠାରେ ପ୍ରଥମରୁ ହିଁ ଉପଲବ୍ଧ ଥିଲା ।

ସୁତରାଂ ଅଗଷ୍ଟ ୨୦୦୮ ରେ ବଇତୁସ୍ ସବୁହଠାରେ ଯାମିୟା ଅହେମଦୀୟାର ସୁଭାରମ୍ଭ ହୋଇଥିଲା । ସେ ସମୟରେ ଫ୍ରାଙ୍କଫର୍ଟରୁ ୫୭ କିମି ଦୁରତାରେ ଥିବା ରେଡ୍‌ସ୍ଟାଡ଼ ସହରରେ ଅହେମଦୀୟା ମସ୍‌ଜିଦ୍ ଅଜିଜ୍ ସହିତ ସଲଗ୍ନ ଖାଲି ପ୍ଲଟ୍ ଯାହାର କ୍ଷେତ୍ରଫଳ ହେଉଛି ୫୭୦୦ ବର୍ଗମିଟର, ତାହା ଯାମିୟାର ଇମାରତ୍ ନିର୍ମାଣ ନିମନ୍ତେ ଖରିଦ୍ କରାଗଲା ।

୧୫ ଡ଼ିସେମ୍ବର ୨୦୦୯ ତାରିଖ ଦିନ ହଜୁର ଅନଓ୍ୱର ଅ:ବ:ଅ ନିଜର ଜର୍ମାନି ଗସ୍ତ ସମୟରେ ଯାମିୟା ଅହେମଦୀୟା ଜର୍ମାନିର ନୂଆ ଇମାରତ୍‌ର ଭିତିପ୍ରସ୍ତର ସ୍ଥାପନ କରାଗଲା । ୩ବର୍ଷ ମଧ୍ୟରେ ଏହି ଇମାରତ୍‌ଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ୧୭ ଡ଼ିସେମ୍ବର ୨୦୧୨ ତାରିଖ ଦିନ ହଜୁର ଅନଓ୍ୱର ଅ:ବ:ଅ ନିଜର ଜର୍ମାନି ଗସ୍ତ ସମୟରେ ଏହି ଇମାରତ୍‌ଟିକୁ ଉଦ୍‌ଘାଟନ କଲେ ।

ଏହି ଜମିର ପଶ୍ଚିମଭାଗରେ ଯାମିୟା ଅହେମଦୀୟାର କ୍ଲାସ୍, ବ୍ୟବସ୍ଥାପିକା ଏବଂ କାର୍ଯ୍ୟାଳୟ, ଲାଇବ୍ରେରିରେ ଆଧାରିତ ଦୁଇମହଲା ବିଶିଷ୍ଟ ଇମାରତ୍ ରହିଛି । ଏହି ନୂଆ ଅଟ୍ଟାଳିକାରେ ୭ଟି କ୍ଲାସ୍ ରୁମ୍ ଅଛି ଦୁଇଟି ବଡ଼ ବଡ଼ ହଲ୍ ଅଛି, ଲାଇବ୍ରେରି ଅଛି, କମ୍ପ୍ୟୁଟର୍ ରୁମ୍, ପ୍ରିନ୍ସପାଲ୍‌ଙ୍କ ଦଫ୍‌ତର, ଏବଂ ଷ୍ଟାଫ୍‌ରୁମ୍ ବ୍ୟତିତ ଅନ୍ୟାନ୍ୟ ବ୍ୟବସ୍ଥାପିକା ଦଫ୍‌ତର ଗୁଡ଼ିକ ରହିଛି । ଗୋଟିଏ ବଡ଼ କିଚେନ୍ ଏବଂ ଡ଼ାଇନିଙ୍ଗ ହଲ୍ ମଧ୍ୟ ରହିଛି ବିଭିନ୍ନ ପ୍ରକାରର ଗ୍ୟାଲେରୀ ଏବଂ ଲବିଜ୍ ରହିଛି ।

ଯେବେ କି ଏହି ପ୍ଲଟ୍‌ର ପୂର୍ବଭାଗରେ ''ମସ୍‌ରୁର୍ ହଷ୍ଟେଲ୍ ର ଦୁଇମହଲା ଅଟ୍ଟାଳିକା ରହିଛି । ହଷ୍ଟେଲ୍‌ର ଏହି ଇମାରତ୍‌ରେ ବଡ଼ ସାଇଜର ମୋଟ ୩୧ଟି କୋଠରୀ ରହିଛି ଏବଂ ଗୋଟିଏ ବଡ଼ ହଲ୍, କମନ୍ ରୁମ୍ ରହିଛି । ଯେଉଁଠାରେ ଇନ୍‌ଡ଼ୋର୍ ଖେଳର ବ୍ୟବସ୍ଥା ରହିଛି ଗୋଟିଏ ଭାଗରେ ଲଂଡ୍ରୀ ରୁମ୍ ମଧ ରହିଛି । ପିଲାମାନଙ୍କ ଖେଳିବା ନିମନ୍ତେ ଫୁଟବଲ୍, ଭଲିବଲ୍ ଏବଂ ବାସ୍କେଟ୍‌ବଲ ପାଇଁ ମଧ ଗୋଟିଏ ଜାଗା ପ୍ରସ୍ତୁତ କରାଯାଇଛି ।

ଏବେ କିଛି ଦିନ ପୂର୍ବେ ଯାମିୟାର ଜମି ସହିତ ସଲଗ୍ନ ଗୋଟିଏ ନିର୍ମାଣ କରାଯାଉଥିବା ଅଟ୍ଟାଳିକା ମଧ୍ୟ ୩ ଲକ୍ଷ ୬୦ ହଜାର ୟୁରୋ ବିନିମୟରେ ଖରିଦ୍ କରାଯାଇଛି । ଏହାର ମୋଟ କ୍ଷେତ୍ରଫଳ ୨୫୦୦ ବର୍ଗମିଟର ଓ ସେଥିମଧ୍ୟରୁ ନିର୍ମାଣ ହୋଇଥିବା ଭାଗ ୧୦୪୫ ବର୍ଗମିଟର । ଏହି ଅଟ୍ଟାଳିକା ଟି ଦୁଇମହଲା ବିଶିଷ୍ଟ ତାହା ଗୋଟିଏ ବଡ଼ ହଲ୍ ଏବଂ ୧୪ଟି କୋଠରୀ ରହିଛି । ହଲ୍‌ର ଅଧାଭାଗକୁ ବ୍ୟାୟାମ ପାଇଁ ବିଭିନ୍ନ ପ୍ରକାର ଉପକରଣ ଲଗାଇ ଗୋଟିଏ ଯିମ୍ ପ୍ରସ୍ତୁତ କରାଯାଇଛି । ଯେବେ କି ବାକି ଅଧାଭାଗରେ କେତେକ ଇନ୍‌ଡ଼ୋର୍ ଗେମ୍ ପାଇଁ ବ୍ୟବହାର କରାଯାଉଛି ।

ବାକି ଅନ୍ୟାନ୍ୟ କୋଠରୀ ଗୁଡ଼ିକୁ ଅଳ୍ପ କିଛି ପରିବର୍ତନ କରାଯାଇ ଶିକ୍ଷକମାନଙ୍କ ପାଇଁ ତିନୋଟି ଫ୍ୟାମିଲି ଆପାର୍ଟମେଂଟ ଏବଂ ଦୁଇଟି ସିଙ୍ଗଲ୍ ଆପାର୍ଟମେଂଟରେ ପରିବର୍ତନ କରାଯାଇଅଛି ।

ହଜୁର ଅନଓ୍ୱର ଅ:ବ:ଅ ସକାଳ ୧୧ଟା ସମୟରେ ନିଜ ଆବାସସ୍ଥଳିରୁ ବାହାରିଲେ ଏବଂ ରେଡ୍‌ସ୍ଟାଟ୍ ସହର ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ୪୦ମିନିଟ୍‌ର ଯାତ୍ରା କରିବାପରେ ୧୧:୪୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟା ଅହେମଦୀୟାରେ ପର୍ଦାପଣ କଲେ । ଯାମିୟା ଅହେମଦୀୟା ଜର୍ମାନିର ପ୍ରିନ୍ସପାଲ୍ ମୁକରମ୍ ଶମ୍‌ଶାଦ୍ ଅହେମଦ୍ କମର୍ ସାହେବ୍ ଏବଂ ତାଲିମ୍ କମିଟିର ସଦର ମୁକରମ୍ ମୁବାରକ୍ ଅହେମଦ୍ ତନଓ୍ୱିର୍ ସାହେବ୍ ନିଜର ଶିକ୍ଷକ ଓ ଷ୍ଟାଫ୍‌ମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟାର ଇମାରତ ଭିତରକୁ ପ୍ରବେଶ କଲେ ପ୍ରିନ୍ସପାଲ୍ ଅଫିସ୍ ଏବଂ ଯମିୟା ଅଫିସର ପରିଦର୍ଶନ କଲେ । ସେହିପରି କ୍ଲାସ୍‌ରୁମ୍‌ଗୁଡ଼ିକ ମଧ୍ୟ ଦେଖିଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଲାଇବ୍ରେରୀ ଦେଖିବାକୁ ଗଲେ ।

ଆଜିର ଏହି ତକ୍‌ରିବ୍ ପାଇଁ ଯାମିୟା ଅହେମଦୀୟାର ପ୍ରାଙ୍ଗଣରେ ଗୋଟିଏ ସାମିୟାନା ଲଗାଯାଇଥିଲା ହଜୁର ଅନଓ୍ୱର ଅ:ବ:ଅ ସେହି ସାମିୟାନାରେ ପ୍ରସ୍ତୁତ କରାଯାଇଥିବା ଷ୍ଟେଜ୍ ଉପରକୁ ଆସିଲେ । ଏହି ତକ୍‌ରିବ୍‌ରେ ଯାମିୟା ଅହେମଦୀୟା ଜର୍ମାନିର ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକବୃନ୍ଦ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ସଦସ୍ୟମାନଙ୍କ ବ୍ୟତିତ ନ୍ୟାସନାଲ ଆମେଲାର ସଦସ୍ୟମାନେ, ଜର୍ମାନିରେ ଖିଦ୍‌ମତ୍ କରୁଥିବା ସମସ୍ତ ମୁବ୍‌ଲିଗିନ୍ କରାମ୍ ଏବଂ ଆଜି ସାର୍ଟିଫିକେଟ୍ ହାସଲ କରିବାକୁ ଥିବା । ମୁରବୀମାନଙ୍କ ଅଭିଭାବକ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ସାମିଲ ହୋଇଥିଲେ ।

ତକ୍‌ରିବ୍‌ର ସୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା ଯାହା ଅଜିଜମ୍ ଅନସ୍ ଅହେମଦ୍ ଯାଓ୍ୱେଦ୍ (ଚତୁର୍ଥ ବର୍ଷର ଛାତ୍ର) ପାଠ କଲେ ଏବଂ ଏହାର ଉର୍ଦ୍ଦୁ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ମୁର୍ତଜା ମାନାନ୍ (ଚତୁର୍ଥ ବର୍ଷର ଛାତ୍ର) ହଜରତ ମସିହ ମଉଦ ଆ:ସଙ୍କ ମନ୍‌ଜୁମ୍ କଲାମ୍‌ରୁ ନିମ୍ନଲିଖିତ ପଦଗୁଡ଼ିକୁ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ, ***ହୈ ଶୁକ୍‌ରେ ରବ୍ବେ ଅଜ୍ଜଓ୍ୱଯଲ୍ ଖାରିଜ୍ ଅଜ୍ ବୟାଁ***

***ଯିସ୍‌କି କଲାମ୍ ସେ ହମେଁ ଉସ୍‌କା ମିଲା ନିଶାଁ..... ତଲ୍‌ଖୀ କି ଜିନ୍ଦଗୀକୋ କରେଁ ସିଦିକ୍ ସେ କୁବୁଲ୍***

***ତା ତୁମ୍‌ପେ ହୋ ମଲାଇକା ଅର୍‌ଶ୍ କା ନୁଜୁଲ୍***

ତା'ପରେ ମୋକରମ୍ ମୁବାରକ୍ ଅହେମଦ୍ ତନଓ୍ୱିର୍ ସାହେବ ତାଲିମ୍ କମିଟିର ସଦର ନିମ୍ନଲିଖିତ ରିପୋର୍ଟ ଉପସ୍ଥାପନ କଲେ ।

ସୟଦନା ଓ୍ୱ ଇମାମନା! ଅଲ୍ଲାଃ ତାଲା ଆପଣଙ୍କ ଖିଲାଫତ୍ ସମୟରେ ଖିଲାଫତ୍ ଅହେମଦୀୟାର ୧୦୦ ବର୍ଷ ପୂରଣ ହେବା ଅବସରରେ ନିଜର ଅଗଣତି କୃପାକୁ ଏକ ନୂଆ ଦିଗ ପ୍ରଦାନ କରିଛନ୍ତି । ଏବଂ ଇସ୍‌ଲାମ୍‌ର ବାର୍ତା ଯେଉଁଭଳି ଚାରିଆଡ଼େ ନୂଆ ବୈଭବ ଏବଂ ନୂଆ ଦିଗ ରେ ପ୍ରଚାର ପ୍ରସାର ହୋଇଛି । ସେଥିମଧ୍ୟରୁ ଗୋଟିଏ ହେଉଛି ପୃଥିବୀର ବିଭିନ୍ନ ଦେଶଗୁଡ଼ିକରେ ହଜରତ ମସିହ ମଉଦ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଶିକ୍ଷା କେନ୍ଦ୍ରର ଶାଖାଗୁଡ଼ିକର ସ୍ଥାପନା ।

ଖୁଦାତାଲାଙ୍କ କୃପା ଓ ଅନୁଗ୍ରହରୁ ୨୦ ଅଗଷ୍ଟ ୨୦୦୮ ମସିହାର ସୂର୍ଯ୍ୟ ଯମାତ୍ ଅହେମଦୀୟା ଜର୍ମାନିର ଇତିହାସରେ ଆଲୋକର ଏକ ଯୁଗର ସୁଭାରମ୍ଭର ଆଶା ନେଇ ଉଦୟ ହେଲା । ଏହି ଦିନ ହଜୁର ଅନଓ୍ୱର ଅ:ବ:ଅ ନିଜର ବାବରକତ୍ ହସ୍ତ ଜରିଆରେ ଯାମିୟା ଅହେମଦିୟା ଜର୍ମାନିର ଭିତିପ୍ରସ୍ତର ରଖିଲେ । ପ୍ରୀୟ ଆକା! ଏହା ଆପଣଙ୍କର ହିଁ ଦୁଆ ଥିଲା ଯାହା ଆଜିଠାରୁ ୭ ବର୍ଷ ପୂର୍ବେ ପ୍ରତ୍ୟେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେବା ସତ୍ୱେ ମଧ୍ୟ ବଇତୁସ୍ ସବୁହ୍ ଫ୍ରାଙ୍କଫ୍ରଟରେ ଯାମିୟା ଅହେମଦୀୟା ଜର୍ମାନିର ପ୍ରଥମ କ୍ଲାସର ସୁଭାରମ୍ଭ ହେଲା ତା'ପରେ ହଜୁର ଅନଓ୍ୱର ଅ:ବ:ଅଙ୍କ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଅନୁକମ୍ପା ଓ ଦୁଆ ର ପ୍ରତିବଦଳରେ ଅଲ୍ଲାଃ ତାଲା କୃପା କଲେ । ଏବଂ ରେଡ଼ସ୍ଚାର୍ଡ଼ ଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ବାବରକତ୍ ହସ୍ତ ଜରିଆରେ ଏହି ଇମାରତ୍ର ମୂଳଦୁଆ ରଖାଗଲା ଏବଂ ପୁଣି ୧୭ ଡ଼ିସେମ୍ବର ୨୦୧୨ ଦିନ ଏହ ସହରର ଭାଗ୍ୟ ତାରା ପୁଣି ଚମକି ଉଠିଲା । ଯେତେବେଳେ ପ୍ରୀୟ ଆକା ଯାମିୟା ଅହେମଦୀୟାର ବର୍ତମାନର ଇମାରତର ଉଦ୍‌ଘାଟନୀ କରିବାପାଇଁ ପହଂଚିଲେ । ଅଲ୍‌ହମ୍‌ଦୁଲ୍ଲିଲାଃ ସୁମା ଅଲ୍‌ହମ୍‌ଦୁଲ୍ଲିଲାଃ ।

ହେ ମୋର ପ୍ରୀୟ ଆକା ! ଯାମିୟା ଅହେମଦୀୟା ଜର୍ମାନି ଏବଂ ଯମାତ୍ ଅହେମଦୀୟା ଜର୍ମାନି ପାଇଁ ଆଜି ପୁଣି ଏପରି ଏକ ବୈଭବପୂର୍ଣ୍ଣ ଦିନର ଉଦୟ ଘଟିଛି ତାହାର ପରିକଳ୍ପନା କରି ମନ ଓ ହୃଦୟ ଖୁଦାତାଲାଙ୍କ ପ୍ରଶଂସାରେ ଭରିଯାଉଅଛି । ଆଜି ହେଉଛି ସେହି ପବିତ୍ର ଦିନ ଯେଉଁଥିରେ ପ୍ରୀୟ ଆକାଙ୍କ ପବିତ୍ର ହସ୍ତଦ୍ୱାରା ଲଗାଯାଇଥିବା ଏହି ପବିତ୍ର ବୃକ୍ଷର ପ୍ରଥମ ଫଳ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ପେଷ୍ କରାଯାଉଅଛି । ଆଜି ଏହି ଅନୁଷ୍ଠାନରୁ ନିଜର ଶିକ୍ଷା ସମ୍ପୁର୍ଣ୍ଣ କରି ଉତୀର୍ଣ୍ଣ ହୋଇଥିବା ପ୍ରଥମ କ୍ଲାସଟି ନିଜ ପ୍ରୀୟ ଆକାଙ୍କ ପବିତ୍ର ହସ୍ତରୁ ନିଜର ସାର୍ଟିଫିକେଟ ହାସଲ କରିବାର ସୌଭାଗ୍ୟ ହାସଲ କରିବାକୁ ଯାଉଅଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ତକ୍‌ରିବ୍ ପାଇଁ ସମୟ ବାହାର କରିବା ଏବଂ ପୁଣି ଯାତ୍ରାର କଷ୍ଟ ସତ୍ୱେ ମଧ୍ୟ ଆଜି ନିଜ ଗୁଲାମମାନଙ୍କୁ ନିଜ ନିକଟରୁ ପ୍ରଦାନ କରିବା ଏପରି ଏକ ଅନୁଗ୍ରହ ଯେ, ଆମେ ସମସ୍ତେ ନିଜ ଶରୀର ଓ ଜୀବନର ସବୁ କିଛି ମଧ୍ୟ ଯଦି ଉତ୍ସର୍ଗ ହୋଇଯାଏ ତେବେ ମଧ୍ୟ କିଛି କଥା ନୁହେଁ । ସତ୍ୟ ହେଉଛି ଏହା କି, ଆମ ପ୍ରୀୟ ଆକାଙ୍କୁ ଆମ ସହିତ ଯେଉଁ ପ୍ରେମ ଓ ଭଲପାଇବା ଅଛି, ତା ସମ୍ମୁଖରେ ଆମ ପ୍ରେମର ସ୍ୱରୁପ ହିଁ କ'ଣ ।

***''ଚେ ନିସ୍‌ବତ୍ ଖାକ୍ ରା ବାଆଲିମେ ବାକ୍''***

ସୟଦନା ଓ୍ୱ ମୌଲାନା ! ୨୦୦୮ ମସିହାରେ ୨୫ ଜଣ ବିଦ୍ୟାର୍ଥୀ ଏହି କ୍ଲାସ୍‌ରେ ନିଜର ତାଲିମ୍ ଯାତ୍ରାର ଆରମ୍ଭ କରିଥିଲେ ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଫ୍ରାନ୍ସର ଏବଂ ବାକି ସମସ୍ତେ ଜର୍ମାନିରୁ ଥିଲେ । ସେମାନଙ୍କ ମଧ୍ୟରୁ ବର୍ତମାନ ୧୬ ଜଣ ବିଦ୍ୟାର୍ଥୀ ଅଲ୍ଲାଃ ତାଲାଙ୍କ କୃପାରୁ ନିଜର ଶିକ୍ଷାକୁ ସମ୍ପୁର୍ଣ୍ଣ କରିଛନ୍ତି । ଅଲ୍ଲାଃ ତାଲାଙ୍କ ଦ୍ୱାରା ଦିଆଯାଇଥିବା ସୌଭାଗ୍ୟରୁ ଏହି ୭ ବର୍ଷ ମଧ୍ୟରେ ଉକ୍ତ ବିଦ୍ୟାର୍ଥୀମାନଙ୍କୁ ପବିତ୍ର କୋରାନ୍ ନାଜିରା, ତର୍‌ଜୁମା (ଅନୁବାଦ), ତଫସିରୁଲ୍ କୁର୍‌ଆନ୍, ହଦିସ୍, କଲାମ୍, ଇତିହାସ, ଆତ୍ମଜୀବନି, ମୁଆଜନା ମଜାହିବ୍, ଖିକା ସମ୍ବନ୍ଧିୟ ବିଷୟବସ୍ତୁ ବ୍ୟତିତ ଆରବୀ, ଉର୍ଦ୍ଦୁ, ଇଂରାଜୀ, ଜର୍ମାନ୍ ଏବଂ ଫାର୍ସୀ ଭାଷାର ଶିକ୍ଷା ଦିଆଯାଇଅଛି । ତତ୍‌ସହିତ ଏହି ସମୟରେ ଜ୍ଞାନର ଏବଂ ଖେଳ ମୁକାବିଲା ଏବଂ ବିଭିନ୍ନ ଲୋକମାନଙ୍କର ଜ୍ଞାନମୁଳକ ଲେକ୍‌ଚର ଜରିଆରେ ବିଦ୍ୟାର୍ଥୀମାନଙ୍କ ଜ୍ଞାନର ସାମର୍ଥ୍ୟକୁ ବଢ଼ାଇବାପାଇଁ ଚେଷ୍ଟା କରାଯାଇଅଛି ।

ପ୍ରୀୟ ଆକା ! ଯାମିୟାର ସମସ୍ତ ଶିକ୍ଷକ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାପକଙ୍କର ସବୁପ୍ରକାରର ଚେଷ୍ଟା ନିଜ ଜାଗାରେ ରହିଛି କିନ୍ତୁ ସତ୍ୟ ହେଉଛି ଏହା କି, ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଟିଏ ସ୍ନେହ ପୂର୍ଣ୍ଣ ନଜର ଏହି ପିଲାମାନଙ୍କୁ ଯେଉଁ ଧାର୍ମିକ ଓ ସାଂସାରିକ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ ତାହାକୁ ପୃଥିବୀର କୌଣସି ଶକ୍ତି କରିପାରେ ନାହିଁ । ସୁତରାଂ ଏ ୭ ବର୍ଷ ମଧ୍ୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଜର୍ମାନି ଆଗମନ ଅବସରରେ ଚେଷ୍ଟା କରାଯାଇଥାଏ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ଯେଉଁ କ୍ଷଣ ମଧ୍ୟ ମିଳୁଥାଏ ତାକୁ ଅମର କରିନିଆଯାଉ । ହଜୁର ଅନଓ୍ୱର ଅ:ବ:ଅଙ୍କ ସ୍ନେହ ଦ୍ୱାରା ଛାତ୍ରମାନଙ୍କୁ ପ୍ରୀୟ ଆକାଙ୍କ ସହିତ ଅନେକ କ୍ଲାସ୍‌ରେ ସାମିଲ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଅଛି । ସେହିପରି ଯାମିୟା ଅହେମଦୀୟାର ବ୍ୟବସ୍ଥାପିକାଙ୍କ ତରଫରୁ ଯଥା ସମ୍ଭବ ଛାତ୍ରମାନଙ୍କ ହଉସଲା ଅଫଯାଇ କରାଯାଇଛି ଯେ, ସେମାନେ ଅଧିକରୁ ଅଧିକ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ସାକ୍ଷାତ କରିବାପାଇଁ ଯାଆନ୍ତୁ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ବସି ପ୍ରତ୍ୟେକ୍ଷରୂପେ ବୈଭବ ହାସଲ କରନ୍ତୁ ।

ନିଜ ଶିକ୍ଷାଯାତ୍ରାକୁ ଜାରି ରଖି ସପ୍ତମ ବର୍ଷ ପ୍ରତ୍ୟେକ ଛାତ୍ର ହଜୁର ଅନଓ୍ୱର ଅ:ବ:ଅଙ୍କ ତରଫରୁ ମଞ୍ଜୁରୀପ୍ରପ୍ତ ବିଷୟବସ୍ତୁ ମକାଲା (ନିବନ୍ଧ) ଲେଖିଲେ । ମକାଲା ଲେଖା ସମ୍ପୂର୍ଣ୍ଣ ପରେ ହଜୁର ଅନଓ୍ୱର ଅ:ବ:ଅ ମଞ୍ଜୁରୀକ୍ରମେ ସେହି ନିବନ୍ଧଗୁଡ଼ିକୁ ବିଭିନ୍ନ ପରୀକ୍ଷକଙ୍କ ନିକଟକୁ ସମୀକ୍ଷା ଓ ଚେକ୍ କରିବା ପାଇଁ ପଠାଗଲା ।

ଜାନୁୟାରୀ ୨୦୧୫ ମସିହାରେ ଶାହିଦ୍ କ୍ଲାସ୍‌ର ପରୀକ୍ଷା ହେଲା । ଏହି ପରୀକ୍ଷା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ନିର୍ଦ୍ଦେଶ ମୁତାବକ କେତେକ ପରୀକ୍ଷା ପ୍ରଶ୍ନପତ୍ର ଯାମିୟା ଅହ୍‌ମଦୀୟା ୟୁ.କେ ଓ ଜର୍ମାନୀ ସହିତ ସମ୍ବନ୍ଧ ରଖିଥିବା ଓ୍ୱଲେମାମାନେ ପ୍ରସ୍ତୁତ କରିଥିଲେ ଓ ସେମାନେ ହିଁ ପେପର ଚେକ୍ କରିଲେ । ପରୀକ୍ଷା ଶେଷ ହେବାପରେ ଓ ମକାଲା (ନିବନ୍ଧ) ଗୁଡ଼ିକ ଚେକିଙ୍ଗ୍ ସରିବା ପରେ ମକାଲାର ଇଂଟରଭ୍ୟୁ ହେଲା ଏହି ଇଂଟରଭ୍ୟୁରେ ଫ୍ରାନ୍ସ, କାନାଡ଼ା ୟୁକେ ଏବଂ ସୁଇଜରଲ୍ୟାଣ୍ଡର ପରୀକ୍ଷକମାନେ ସାମିଲ ହୋଇଥିଲେ ।

ମଇ ମାସ ୨୦୧୫ ରେ ହଜୁର

## ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାଫଳର ଘୋଷଣା

ସାରା ହିନ୍ଦୁସ୍ତାନର ଅହେମଦୀ ଛାତ୍ରଛାତ୍ରୀ ଏବଂ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ନିବନ୍ଧ ଲେଖିବା ଯୋଗ୍ୟତାର ବିକାଶ ପାଇଁ ଏବଂ ସେମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତା କରାଯାଇଥାଏ ।

ଏବର୍ଷ ୨୦୧୯-୨୦ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା **''କର୍ମଠ ଦାଇ ଇଲଲ୍ଲାହ୍ ର ଦାୟିତ୍ୱ ଓ କର୍ତବ୍ୟ ହଜୁର ଅନଓ୍ୱର୍ ଅ:ବ:ଅଙ୍କ ନିର୍ଦ୍ଦେଶାବଳୀ ଆଲୋକରେ''**

ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କ ନାମ ଘୋଷଣା କରାଯାଉଅଛି । ବିବରଣୀ ନିମ୍ନରେ ଦିଆଗଲା । ଆସନ୍ତାବର୍ଷ ୨୦୨୦-୨୧ ମସିହାର ନିବନ୍ଧର ବିଷୟ ଶିଘ୍ର ଘୋଷଣା କରାଯିବ । ଛାତ୍ରୀଛାତ୍ରମାନଙ୍କୁ ଆସନ୍ତାବର୍ଷ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୋତ୍ସାହିତ କରାଯାଉଅଛି ।

ବର୍ଷ ୨୦୧୮-୧୯ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାପଳ

| କ୍ରମିକ ସଂଖ୍ୟା | ନିବନ୍ଧ ଲେଖକଙ୍କ ନାମ | ଯମାତ | ପୋଜିସନ୍ | ପୁରସ୍କାର ଅର୍ଥରାଶୀ |
|---|---|---|---|---|
| ୧ | ମୋକରମା ସରଓ୍ୱତ୍ ନୂର ସଇଦ୍ ସାହିବା | କାଦିୟାନ୍ | ପ୍ରଥମ | ୫୦୦୦ |
| ୨ | ମୋକରମା ନଜ୍‌ମା ତାରିକ୍ ସାହିବା | କାଦିୟାନ୍ | ଦ୍ୱିତୀୟ | ୪୦୦୦ |
| ୩ | ମୋକରମା ଗଜାଲା କୌକବ୍ ସାହିବା | ହାଇଦ୍ରାବାଦ୍ | ତୃତୀୟ | ୩୦୦୦ |
| ୪ | ମୋକରମା ଆଇଶା ସଲିମ୍ ସାହିବା | ପାଲାକାଡ଼୍ | ଖୁସୁସି (ଅନୁଗ୍ରହମୂଳକ) | ୧୦୦୦ |

## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିଓ୍ୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୭୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

**ତାଲିବେ ଦୁଆ:** *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ଅନଓ୍ୱର ଅ:ବ:ଅଙ୍କ ତରଫରୁ ନିୟୋଜିତ ହୋଇଥିବା ଚାରିଜଣିଆ ବୋର୍ଡ଼ ବିଦ୍ୟାର୍ଥୀମାନଙ୍କ ଜ୍ଞାନ ଓ ବୁଦ୍ଧି ପ୍ରଶିକ୍ଷଣ ଏବଂ ଚାରିତ୍ରିକ ଯୋଗ୍ୟତାକୁ ସମୀକ୍ଷା କରିବାପାଇଁ ବିଶେଷ ଇଂଟରଭ୍ୟୁ ନେଲେ । ସେଥିରେ ବୋର୍ଡ଼ର ସଦସ୍ୟମାନେ ପବିତ୍ର କୁରଆନ୍, ହଦିସ୍, ଫିକାଃ ଏବଂ ସାଧାରଣଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଲେ ।

ଉକ୍ତ ସମସ୍ତ ପରୀକ୍ଷାଗୁଡ଼ିକର ଫଳାଫଳ ସଙ୍ଗେ ସେଙ୍ଗେ ସମୀକ୍ଷା ପାଇଁ ଓ ମଞ୍ଜୁରୀ ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ପେଶ୍ କରାଯାଉଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଦୁଆ ଓ ଅଲ୍ଲାଃ ତାଲାଙ୍କ କୃପାବଳାରୁ ଓ କରୁଣା ସାହାଯ୍ୟରେ ଏହି ସମସ୍ତ ବିଦ୍ୟାର୍ଥୀ ପରୀକ୍ଷା, ମକାଲା ଓ ଇଂଟରଭ୍ୟୁ ଗୁଡ଼ିକରେ ପାସ୍/ ସଫଳତା ପ୍ରାପ୍ତ କଲେ । *ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକା ।*

ପ୍ରିୟ ଆକା ! ଆଜିଠାରୁ ସାତବର୍ଷ ପୂର୍ବେ ଏହି ବିଦ୍ୟାର୍ଥୀମାନେ ନିଜକୁ ଖୁଦାଙ୍କ ଖାତିର୍ ଦୀନ୍ (ଧର୍ମ)ର ସେବା କରିବା ପାଇଁ ୱକ୍‌ଫ (ଉତ୍ସର୍ଗ) କରି ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ଉପସ୍ଥାପନ କରିଥିଲେ । ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ଏମାନଙ୍କୁ ଯାମିୟା ଅହେମଦୀୟା ପଠାଇଦେଲେ ଏବଂ ଆରମ୍ଭରୁ ହିଁ ଆମର ମାର୍ଗଦର୍ଶନ କରାଇ ନିଜ ପବିତ୍ର ହସ୍ତରେ ଲେଖିଥିଲେ:

''ସର୍ବଦା ମନେରଖିଥିବେ ଯେ ଏହି ଅନୁଷ୍ଠାନ ଏପରି ମାର୍ଗରେ ପରିଚାଳିତ ହେଉ ଯାହାର ଆଶା ହଜରତ ମସିହ ମଉଦ ଆ:ସ ଆମଠାରୁ ରଖିଛନ୍ତି ଓ ତାହା ଥିଲା ଏପରି , ଅର୍ଥାତ ଈଶ୍ୱରଭୟ ହୃଦୟ ଭିତରେ ରଖିଥିବା, ଜ୍ଞାନ ଓ ସଦ୍‌ବୁଦ୍ଧି ହାସଲ କରିଥିବା ଏବଂ ବିନମ୍ରତାର ସହିତ ଧର୍ମ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ୱଲେମାମାନେ ପ୍ରସ୍ତୁତ ହୁଅନ୍ତୁ ଯେଉଁମାନେ ହଜରତ ଅବ୍‌ଦୁଲ କରୀମ୍ ସାହେବ ର:ଅ ଏବଂ ହଜରତ ମୌଲାନା ବୁର୍‌ହାନୁଦ୍ଦିନ୍ ଯେହ୍‌ଲମୀ ର:ଅଙ୍କ ସଦୃଶ ପଦମର୍ଯ୍ୟାଦା ରଖିଥିବେ ।''

*(ବହଓ୍ୱାଲା ମୁଜଲାଃ ଯାମିୟା ଅହେମଦୀୟା ଜର୍ମାନୀ ପୃ-୨୩, ପ୍ରକାଶନ ୨୦୧୨)*

ଆଜି ଆମେ ଗୋଟିଏ ପଟେ ଅଲ୍ଲାଃ ତାଲାଙ୍କର କୃତଜ୍ଞ ଯେ ଏହି ବିଦ୍ୟାର୍ଥୀମାନେ ନିଜର ସାତ ବର୍ଷୀୟ ଶିକ୍ଷାଯାତ୍ରାର ଗୋଟିଏ ସୋପାନ ସୁଚାରୁ ରୂପେ ସମ୍ପନ୍ନ କରି କର୍ମ କ୍ଷେତ୍ରକୁ ଯିବା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଉପସ୍ଥିତ ଅଛନ୍ତି ତ ଆଉ ଗୋଟିଏ ପଟେ ନିଜର ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ଆମେ ଆମ ଦୁର୍ବଳତା ଓ ଅବହେଳା କୁ ମଧ୍ୟ ସ୍ୱୀକାର କରୁଛୁ ଯେ

''ହକ୍ ତୋ ୟେ ହେ କେ ହକ୍ ଆଦା ନ ହୁଆ ।''

(ଅର୍ଥାତ ସତ୍ୟ ହେଉଛି ଏହା କି କର୍ତବ୍ୟ ସମ୍ପାଦନ ହୋଇପାରିନାହିଁ)

ଆମେ ଯାମିୟା ଅହେମଦୀୟା ଜର୍ମାନୀର ସମସ୍ତ ଶିକ୍ଷକବୃନ୍ଦ ଓ ବିଦ୍ୟାର୍ଥୀଗଣ ନିଜ ପ୍ରୀୟ ଆକାଙ୍କ ଗୋଚରେ ପ୍ରାର୍ଥନା (ଦୁଆ) କରିବା ପାଇଁ ବିନମ୍ର ନିବେଦନ କରୁଛନ୍ତି ଯେ ଅଲ୍ଲାଃ ତାଲା ଆମ ଦୋଷ ଦୁବଳତାକୁ ଢ଼ାଙ୍କ ଦିଅନ୍ତୁ ଓ ଖୁଦାଙ୍କ ପ୍ରୀୟ ଇମାମ୍ ଆମଠାରୁ ଯେଉଁ ଖିଦମତର ଆଶା ରଖିଛନ୍ତି ଓ ଯେଉଁ ସ୍ଥାନରେ ଆମକୁ ଦେଖିବାକୁ ଚାହିଁଛନ୍ତି ସେହି ଶକ୍ତିଶାଳୀ ଖୁଦା କେବଳ ନିଜ କୃପାଦ୍ୱାରା ଆମକୁ ସେହିପରି ବନାଇ ଦେଉ । ଆମୀନ୍, ଅଲ୍ଲାଃହୁମ୍ମା ଆମିନ୍ ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏ ନିବେଦନ କରୁଛି ଯେ ହଜୁର ଅନଓ୍ୱର ଅ:ବ:ଅ ଯାମିୟା ଅହେମଦୀୟା ଜର୍ମାନୀରୁ ଉତୀର୍ଣ୍ଣ ହୋଇଥିବା ପ୍ରଥମ କ୍ଲାସ୍‌ର ମୁରବୀ ସିଲ୍‌ସିଲାଙ୍କୁ ତଫ୍‌ସିର୍ ସଗୀର୍ ଏବଂ ଶାହୀଦ୍ ଡ଼ିଗ୍ରୀ ଓ ଷଷ୍ଠ କ୍ଲାସ୍‌ରେ ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୋଜିସନ୍ ହାସଲ କରିଛନ୍ତି, ସେମାନଙ୍କୁ ପୁରସ୍କାର ପ୍ରଦାନ କରିବାର ହେବେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟାର ଷଷ୍ଠ ବର୍ଷର ଛାତ୍ର, ଯେଉଁମାନେ ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୋଜିସନ୍ ଆଣିଛନ୍ତି, ସେମାନଙ୍କୁ ପୁରସ୍କାର ପ୍ରଦାନ କଲେ । ତା'ପରେ ଯାମିୟା ଅହେମଦୀୟା ଜର୍ମାନୀରୁ ଉତୀର୍ଣ୍ଣ ହୋଇଥିବା ପ୍ରଥମ କ୍ଲାସର ନିମ୍ନ ଲିଖିତ ମୁରବୀ ସିଲ୍‌ସିଲାଙ୍କୁ ତଫ୍‌ସୀର୍ ସଗୀର୍ ଓ ଶାହିଦ୍ ଡ଼ିଗ୍ରୀ ପ୍ରଦାନ କଲେ ।

୧. ମୋକରମ୍ କମାଲ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୨. ମୋକରମ୍ ଇଫ୍‌ତେଖାର୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୩. ମୋକରମ୍ ସୁହେଲ୍ ରିୟାଜ୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୪. ମୋକରମ୍ ମୁହମୁଦ୍ ଅହେମଦ୍ ମଲହି ସାହେବ୍ ମୁରବୀ ସିଲ୍‌ସିଲା ।
୫. ମୋକରମ୍ ଫାଏଜ୍ ଅହ୍‌ମଦ୍ ଖାନ୍ ସାହେବ୍ ମୁରବୀ ସିଲ୍‌ସିଲା ।
୬. ମୋକରମ୍ ଯିନାହୁଦ୍ଦିନ୍ ସୈଫ୍ ସାହେବ୍ ମୁରବୀ ସିଲ୍‌ସିଲା ।
୭. ମୋକରମ୍ ନୋମାନ୍ ଖାଲିଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୮. ମୋକରମ୍ ଉସାମା ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୯. ମୋକରମ୍ ତହସିନ୍ ରଶୀଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୦. ମୋକରମ୍ ଶୋଏବ୍ ଉମର୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୧. ମୋକରମ୍ ଚୌଧୁରୀ ବିଲାଲ୍ ଅକ୍‌ବର୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୨. ମୋକରମ୍ ଆଫାକ୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୩. ମୋକରମ୍ ବାସିଲ୍ ଅହ୍‌ମଦ୍ ଭଟ୍ଟି ସାହେବ୍ ମୁରବୀ ସିଲ୍‌ସିଲା ।
୧୪. ମୋକରମ୍ ମୁନୀବ୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୫. ମୋକରମ୍ ଅରସଲାନ୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।
୧୬. ମୋକରମ୍ ମୁହମ୍ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟା ଅହେମଦୀୟାରୁ ଉତୀର୍ଣ୍ଣ ହୋଇଥିବା ମୁବଲ୍ଲିଗୀନ୍ କରାମଙ୍କୁ ସମ୍ବୋଧିତ କଲେ । କ୍ରମଶଃ.........

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମ୍‌କୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 20 Feb 2020 Issue No. 8

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

**୧୪ ଅକ୍ଟୋବର ୨୦୧୫ ବୁଧବାରର (ବଳକା ରିପୋର୍ଟ)**

**ଅତିଥିମାନଙ୍କର ମୋନଭାବ ବ୍ୟକ୍ତ**

ଡ଼େପୁଟି ମେୟର ଖଲିଫାଙ୍କ ଜ୍ଞାନ ଓ ବୁଦ୍ଧିମତାକୁ ପ୍ରଶଂସା କରି ବତାଇଲେ ଯେ, ଅଲ୍‌ମେରେ ପ୍ରତ୍ୟେକ ପ୍ରକାର ଲୋକଙ୍କୁ ଗ୍ରହଣ କରିବାପାଇଁ ପ୍ରସ୍ତୁତ ରହିଛି । ଯମାତ୍ ଅହେମଦୀୟାର ମୂଳଦୁଆ ହଜରତ ମିର୍ଜା ଗୁଲାମ୍ ଅହେମଦ୍ ଆ:ସ ରଖିଛନ୍ତି ସେ ମସିହୟତ ର ଦାବି କରିଥିଲେ ଯାହାର ଭବିଷ୍ୟବାଣୀ ନବି ହଜରତ ମୁହମ୍ମଦ ସ:ଆ:ସ କରିଥିଲେ । ହଜରତ ମିର୍ଜା ଗୁଲାମ୍ ଅହେମଦ୍ ଆ:ସଙ୍କ ମୂଳକାର୍ଯ୍ୟ ଥିଲା ଇସ୍‌ଲାମର ବାସ୍ତବିକ ଶିକ୍ଷାକୁ ପୃଥିବୀରେ ପୂନର୍ବାର ସ୍ଥାପନ କରିବା । ଏ ଯମାତ୍ ବର୍ତମାନ ପୃଥିବୀରେ ସବୁଠାରୁ ବଡ଼ ମୁସଲିମ ସଂଘଠନ ଅଟେ ଓ ଶାରା ପୃଥିବୀରେ ଶାନ୍ତିର ବାର୍ତା ଦେଉଥିବା ଯୋଗୁଁ ଏହା ବହୁତ ପ୍ରସିଦ୍ଧ ।

**୧୫ ଅକ୍ଟୋବର ୨୦୧୫ (ଗୁରୁବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୪୦ ମିନିଟରେ ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଚିଠିପତ୍ର ଓ ରିପୋର୍ଟସ ଇତ୍ୟାଦି ଦେଖିଲେ ଓ ସେଥିରେ ଟିପ୍ପଣୀ ପ୍ରଦାନ କଲେ ଏବଂ ହଜୁର ଅନଓ୍ୱର ଅ:ବ:ଅ କେତେକ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ହଜୁର ଅନଓ୍ୱର ଅ:ବ:ଅ ବଇତୁସ୍ ସବୁହୁର ପୁରୁଷମାନଙ୍କର ଥିବା ହଲ୍ ଭିତରେ ପ୍ରବେଶ କରି ଯୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ପୁଣି ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ତୃତୀୟ ପ୍ରହରରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସଂପାଦନ କରିବାରେ ବ୍ୟସ୍ତ ରହିଲେ, ପ୍ରୋଗ୍ରାମ ମୁତାବକ ଠିକ୍ ସଂଧ୍ୟା ୬:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଏବଂ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା ।

ଆଜି ସଂଧ୍ୟାବେଳର ଏହି ସେସନ୍‌ରେ ୩୧ଟି ଫ୍ୟାମିଲିର ୧୨୨ ଜଣ ସଦସ୍ୟ ଓ ୨୫ଜଣ ସଦସ୍ୟ ବ୍ୟକ୍ତିଗତରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏହି ପରି ମୋଟ ୧୪୭ ଜଣ ସଦସ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏହି ସମସ୍ତ ଫ୍ୟାମିଲିଗୁଡ଼ିକ ଓ ବ୍ୟକ୍ତିଗତ ଲୋକେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ କମ୍ ବୟସର ପୁଅ ଓ ଝିଅଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିଥିବା ଏହି ଫ୍ୟାମିଲି ଗୁଡ଼ିକ ଫ୍ରାଙ୍କଫ୍ରଟର ଲୋକାଲ ଯମାତ ବ୍ୟତିତ ନିମ୍ନଲିଖିତ ଯମାତ ଓ ଇଲାକାରୁ ଆସିଥିଲା । Babenhausen, Karben, Rudesheim, Dreieich, Herford, Friedburg, Pulheim, Wisbaden, Maintal, Freiburg, Lumberg, Statgart, Vier sen, Chennitz, Nidda, Buxtehude, Haideldurg, Ahaus, Luneburg, Neuderg, Mainz, Russelsheim, Frankenberg ଏବଂ ମନ୍‌ହାଏମ୍ ଏବଂ ମନ୍‌ହାଏମ୍‌ର ଯମାତି ଗୁଡ଼ିକରୁ ଆସିଥିଲେ । ଏତଦ୍‌ଭିନ୍ନ ପାକିସ୍ତାନରୁ ଆସିଥିବା କେତେକ ଫ୍ୟାମିଲି ମଧ ନିଜ ପ୍ରୀ ଆକାଙ୍କ ସହିତ ସାକ୍ଷାତ କରବାର ସୌଭାଗ୍ୟ ପାଇଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୩୦ ରେ ଶେଷ ହେଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ହଲ୍‌ରେ ପର୍ଦାପଣ କଲେ । ଯେଉଁଠି ପ୍ରୋଗ୍ରମ ମୁତବାକ ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ) ଅନୁଷ୍ଠିତ ହେଲା ।

ନିମ୍ନଲିଖିତ ୨୧ଜଣ ପୁଅ ଝିଅପିଲାଙ୍କଠାରୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ପଢ଼ିଲେ ଓ ସେଥିରେ ଦୁଆ କରାଇଲେ ।

ନିମ୍ନଲିଖିତ ସୌଭାଗ୍ୟବାନ ପୁଅ ଓ ଝିଅମାନେ ଏହି ଆମିନ୍ ଉତ୍ସବରେ ସାମିଲ ହୋଇଥିଲେ ।

ଅଜିଜମ୍ ସୟଦ ନୋମାନ୍ ଅହେମ୍ ଗର୍‌ଦେଜି, ସୟଦ୍ ଅବ୍‌ସାର୍ ଅହ୍‌ମଦ୍, ଶାହିଦ୍ ଅନ୍‌ଆମ୍ କମାଲ୍ ମୁର୍‌ତଜ, ନଦୀମ ଅହେମଦ୍, ଅବ୍‌ଦୁଲ୍ ମାନାନ୍, ସମିଶ୍ କମର୍ ।

ଅଜିଜାଃ ସିବ୍‌ରା କମର୍, ଆଇଶା ମସ୍‌ରୁର୍, ହାଲା ହଫିଜ୍, ନୂର୍ ଫିଜା ହକ୍, କାଶ୍‌ଫା ନୂର୍ ଅହ୍‌ମଦ୍, ଦର୍‌ମାନା ଖିଲ୍‌ଅତ୍ ଅହ୍‌ମଦ୍, ନୋମାନାଃ ଆମୀର୍, ଦାନିୟା ହିନା ଖାନ୍, ମାହ୍ ନୂର୍, ରାଜିୟା ଇମ୍‌ତିଆଜ୍ ୱାଡ଼ାଇଚ୍, ନଜ୍‌ମା ଶରିଫ୍, ସୟଦାଃ ଅମତୁସ୍ ସବୁହ୍ ଶାହ୍, ଅରିଶା ଖାନ୍ ଏବଂ ଅଜିଜା ଅମତୁସ୍ ସବହୁ ଅଜିଜ୍ ।

ଆମିନ୍ ଉତ୍ସବରେ ସାମିଲ ହୋଇଥିବା ଏହି ପୁଅ ଓ ଝିଅପିଲାମାନେ ଜର୍ମାନୀର ନିମ୍ନଲିଖିତ ଯମାତ ଗୁଡ଼ିକରୁ ଆସିଥିଲେ । ଫ୍ରାଙ୍କଫ୍ରଟ ସିଟି, ହେସେନ୍ ୱେଷ୍ଟ, ଡ୍ରମଷ୍ଟ୍ରଡ଼, ଗିନ୍‌ଶେଇନ, ପିଫଲ୍‌ଜ, ମର୍ଫ, ୱାଲ୍‌ଡ଼ର୍ଫ ଏବଂ ୱିଜ୍‌ବାଡନ୍ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ ଓ ଇସା ନମାଜ ଜମାକରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୬ ଅକ୍ଟୋବର ୨୦୧୫ (ପବିତ୍ର ଶୁକ୍ରବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୪୦ ରେ ମସ୍‌ଜିଦ୍‌ରେ ପହଂଚି ଫଜର୍ ନାମଜ ପଢ଼ାଇଲେ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପବିତ୍ର ଜୁମାର ଦିନ ଥିଲା ନମାଜର ପଢ଼ିବାର ବ୍ୟବସ୍ଥା ବଇତୁସ୍‌ସବୁହୁ ସହିତ ତା' ସାମ୍ନାରେ ଥିବା ଯମାତର ସେଂଟର ବଇତୁଲ୍ ଆଫିୟତରେ କରାଯାଇଥିଲା । ବଇତୁଲ୍ ଆଫିୟତର ବିଶାଳ ଇମାରତ୍‌ଟିକୁ ମଜ୍‌ଲିସ୍ ଅନ୍‌ସାରୁଲା ଜର୍ମାନୀ ଏବଂ ମଜ୍‌ଲିସ୍ ଲଜ୍‌ନା ଇମାଇଲା ଜର୍ମାନୀ ଚଳିତ ବର୍ଷ ନିଜ ମର୍କଜି କାର୍ଯ୍ୟାଳୟ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖରିଦ କରିଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ନିଜର ଗତ ଜର୍ମାନୀଗସ୍ତ ସମୟରେ ୨୬ ମଇ ୨୦୧୫ ଦିନ ଏହି ଇମାରତର ଉଦ୍‌ଘାଟନ କରିଥିଲେ । ଏହି ଲମ୍ବ ଓ ପ୍ରସ୍ଥ ବିଶାଳ ଇମାରତଟି ୫ ମହଲା ବିଶିଷ୍ଟ । ଏହାର ଜାଗାଟିର କ୍ଷେତ୍ରଫଳ ହେଉଛି ମୋଟ ୩୮୧୧ ବର୍ଗମିଟର ଏବଂ ଯେଉଁ କଭରଡ଼ ଏରିଆ ରହିଛି ଏହାର ମୋଟ କ୍ଷେତ୍ରଫଳ ହେଉଛି ୧୧୨୫୦ ବର୍ଗମିଟର । ଏହି ୫ମହଲା ବିଶିଷ୍ଟ ଇମାରତ୍‌ରେ ଅନେକ ବଡ଼ ବଡ଼ ଚଉଡ଼ା ହଲ୍ ରହିଛି ଏବଂ ବହୁ ସଂଖ୍ୟାରେ କାର୍ଯ୍ୟାଳୟମାନ ରହିଛି ।

ବେସ୍‌ମେଂଟକୁ ମିଶାଇ ଏହା ହେଉଛି ୫ମହଲା ବିଶିଷ୍ଟ ଅଟ୍ଟାଳିକା ବେସ୍‌ମେଂଟର କ୍ଷେତ୍ରଫଳ ହେଉଛି ୨୨୧୫ ବର୍ଗମିଟର । ଏହି ଇମାରତରେ ୬ଗୋଟି ଆପାର୍ଟମେଂଟ୍ସ ମଧ୍ୟ ରହିଛି । ଗ୍ରାଉଣ୍ଡଫ୍ଲୋର୍‌ରେ ୧୦ଟି କୋଠରୀ ରହିଛି ଗେଷ୍ଟହାଉସ୍ ମଧ୍ୟ ରହିଛି । ଗୋଟିଏ ରୋଷେଇଘର ଓ ଚାରିଗୋଟି ବାଥରୁମ୍ ଅଛି ଏବଂ ଗୋଟିଏ ବଡ଼ ହଲ୍ ଅଛି । ଯାହାର କ୍ଷେତ୍ରଫଳ ହେଉଛି ୧୩୧୮ ବର୍ଗମିଟର ।

ପ୍ରଥମ ମହଲାରେ କୋଠରୀ ମାନଙ୍କର ସଂଖ୍ୟା ହେଉଛି ୧୩ ଓ ସେଥିରେ ଗୋଟିଏ କିଚେନ ରୁମ୍ ଓ ୫ଟି ବାଥରୁମ ରହିଛି ଏତଦ୍‌ବ୍ୟତିତ ଗୋଟିଏ ବଡ଼ ହଲ୍ ମଧ ରହିଛି ଯାହାର କ୍ଷେତ୍ରଫଳ ହେଉଛି ୧୨୨୩ ବର୍ଗମିଟର ।

ଦ୍ୱିତୀୟମହଲାରେ ୨୧ଟି କୋଠରୀ ରହିଛି । ଗୋଟିଏ କିଚେନ୍ ରୁମ୍ ଓ ୮ଟି ବାଥ୍ରୁମ୍ ଅଛି । ଏତଦ୍‌ବ୍ୟତିତ ୯୧୭ ବର୍ଗମିଟରର ୫ ଟି ଷ୍ଟୋର ରୁମ୍ ଅଛି ।

ତୃତୀୟମହଲାରେ ୮ ଟି କୋଠରୀ ରହିଛି ଗୋଟିଏ କିଚେନ୍ ଓ ୩ଟି ବାଥ୍ରୁମ୍ ଅଛି ଏହି ମହଲାରେ ମଧ୍ୟ ଗୋଟିଏ ହଲ୍ ଅଛି ଯାହାର କ୍ଷେତ୍ରଫଳ ହେଉଛି ୯୦୨ ବର୍ଗମିଟର୍ ।

ବେସ୍‌ମେଂଟରେ ୫୫ଟି ଗାଡ଼ି ପାର୍କିଙ୍ଗ କରିବାପାଇଁ ଜାଗା ମଧ୍ୟ ରହିଛି ଏହି ଅଟ୍ଟାଳିକାର ସମସ୍ତ ହଲ୍ ଭିତରେ ପୁରୁଷମାନଙ୍କ ପାଇଁ ଜୁମା ନମାଜ ପଢ଼ିବାପାଇଁ ବ୍ୟବସ୍ଥା କରାଯାଇଥିଲା । ବଇତୁସ୍ ସବୁହୁର ଚାରଟି ହଲ୍ ମଧ୍ୟରୁ ତିନିଗୋଟି ହଲ୍‌ରେ ମହିଳାମାନଙ୍କ ପାଇଁ ଏବଂ ଗୋଟିଏ ହଲ୍‌ରେ ପୁରୁଷଙ୍କପାଇଁ ବ୍ୟବସ୍ଥା କରାଯାଇଥିଲା ।

ନିଜ ପ୍ରୀୟ ଆକାଙ୍କ ପଛରେ ନମାଜ ପଢ଼ିବାପାଇଁ ଜର୍ମାନୀର ବିଭିନ୍ନ ଯମାତ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**